## ସଂକ୍ଷେପରେ

### ଗୋପବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି ଦେଲା ଆର୍‌ଏସ୍‌ପି

**ରାଉରକେଲା ଅଫିସ,୯।୧୦:** ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୫ତମ ଜନ୍ମବାର୍ଷିକ ପାଳନ ଅବସରରେ ସେକ୍ଟର-୧୯ ସ୍ଥିତ ଗୋପବନ୍ଧୁ ପ୍ରତିମୂର୍ତ୍ତି ନିକଟରେ ରବିବାର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଆରଏସ୍‌ପି ଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ଆରଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟ ବିଭାଗର ଇଡି ଏସ. ଆର. ସୂର୍ଯ୍ୟବଂଶୀ, କାର୍ମିକ ଓ ପ୍ରଶାସନିକ ବିଭାଗର ଇଡି ପି. କେ. ଶତପଥୀ ଓ ଅନ୍ୟ ବରିଷ୍ଠ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ କୃତୀ ଛାତ୍ରୀ ରାଜଲକ୍ଷ୍ମୀ ସାହୁ, ରୂପାଲି ବିଶ୍ୱାଳ, ଅର୍ଚ୍ଚିତା ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। ବକ୍ତୃତା ପ୍ରତିଯୋଗିତାକୁ ଇସ୍ପାତ ବିଦ୍ୟାମନ୍ଦିର ଛାତ୍ରୀ ଶୁଭଲକ୍ଷ୍ମୀ ମହାନ୍ତି ସଂଯୋଜନା କରିଥିବାବେଳେ ପ୍ରୀତି ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

### ପଣ୍ଡିତ ଗୋପବନ୍ଧୁଙ୍କ ଜୟନ୍ତୀ

**ଝାରସୁଗୁଡ଼ା ଅଫିସ, ୯।୧୦:** ଝାରସୁଗୁଡ଼ା ଟାଉନ ହଲ ପରିସରରେ ସ୍ଥାନୀୟ ବରିଷ୍ଠ ନାଗରିକ ସଂଘ ତରଫରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ବରିଷ୍ଠ ନାଗରିକ ପ୍ରଫେସର ଟହଲୁ ସାହୁ ଅଧକ୍ଷତା କରିଥିଲେ । ସଭାରେ ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ଅଧକ୍ଷ ନରେନ୍ଦ୍ର କୁମାର ପଣ୍ଡା, ପ୍ରାଧାପକ ତପନ କୁମାର ବାରିକ, ଅଧାପକ ଡ.ସରୋଜ କୁମାର କୁଅଁର, ସାହିତ୍ୟିକା ମନ୍ଦାକିନୀ ଶତପଥୀ, ବରିଷ୍ଠ ଶିକ୍ଷକ ଅକ୍ଷୟ ପତି, ସମାଜିକ କର୍ମୀ ମାନସୀ ପଣ୍ଡା, ସୁବ୍ରତ ତ୍ରିପାଠୀ, ଅନ୍ତର୍ଯ୍ୟାମୀ ପାଣିଗ୍ରାହୀ, ପବିତ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ ପଣ୍ଡିତ ଗୋପବନ୍ଧୁଙ୍କ ସ୍ମୃତିଚାରଣ କରିଥିଲେ।

### ଶିକ୍ଷୟିତ୍ରୀଙ୍କ ଅକାଳ ବିୟୋଗ

**ସୁନ୍ଦରଗଡ଼,୯।୧୦(ଡି.ଏନ.ଏ.):** ସୁନ୍ଦରଗଡ଼ ପବ୍ଲିକ ସ୍କୁଲର ଜଣାଶୁଣା ଗଣିତ ଶିକ୍ଷୟିତ୍ରୀ ସୀମାରାଣୀ ସିଂଙ୍କ ରବିବାର ସକାଳେ ତାଙ୍କ ରଙ୍ଗାଡିପା ସ୍ଥିତ ବାସଭବନରେ ହୃଦଘାତରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୪୯ ବର୍ଷ ବୟସ ହୋଇଥିଲା। ସେ ସକାଳେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ଅକାଳ ବିୟୋଗରେ ବିଦ୍ୟାଳୟର ଛାତ୍ରୀଛାତ୍ର, ଅଧକ୍ଷା,ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନା ଟ୍ରାଷ୍ଟି ସମ୍ପାଦକ, ସଦସ୍ୟ ଓ ଅଭିଭାବକମାନେ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରି ଗଭୀର ଶୋକ ପ୍ରକାଶ କରିଛନ୍ତି। ତାଙ୍କ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଥିଲେ। ସନ୍ଧ୍ୟାରେ ସ୍ଥାନୀୟ ଇବ ନଦୀ କୂଳରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।





ଚକ୍ରଧରପୁର ରେଳଡିଭିଜନ ଅନ୍ତର୍ଗତ ସୁନ୍ଦରଗଡ଼ ଜିଲାର ଧୁରୁଆଡିହି ରେଳଷ୍ଟେଶନ ନିକଟରେ ଡାଉନ୍ ଲାଇନ୍‌ରେ ଶନିବାର ଏକ ମାଲ୍‌ବାହୀ ଟ୍ରେନ୍ ଲାଇନଚ୍ୟୁତ୍ ହୋଇଛି। ଯୁଦ୍ଧକାଳୀନ ଭିତ୍ତିରେ ଦୁର୍ଘଟଣାଗ୍ରସ୍ତ ରେଳବଗିକୁ ଉଦ୍ଧାର କରିବା ସହ ରେଳଲାଇନ୍ ମରାମତି କାର୍ଯ୍ୟ ଚାଲିଛି।

# ସାମ୍ପ୍ରତିକ ସଙ୍କଟ ପାଇଁ କେନ୍ଦ୍ର ସରକାର ଦାୟୀ: ଉଦିତରାଜ

**ରାଉରକେଲାରେ ରାଜ୍ୟସ୍ତରୀୟ କନ୍‌ଭେନଶନ**

**ରାଉରକେଲା ଅଫିସ,୯।୧୦**

ଓଡ଼ିଶା ପ୍ରଦେଶ ଅଣସଙ୍ଗଠିତ ଶ୍ରମିକ ଓ କର୍ମଚାରୀ କଂଗ୍ରେସ ପକ୍ଷରୁ ରାଉରକେଲା ସ୍ଥିତ ଏକ ହୋଟେଲରେ ରାଜ୍ୟସ୍ତରୀୟ କନ୍‌ଭେନଶନ ରାଜ୍ୟ ଅଧକ୍ଷ ବିଦ୍ୟାଧର ମହାନ୍ତିଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଛି। ଏହି କନ୍‌ଭେନଶନକୁ କଂଗ୍ରେସର ରାଷ୍ଟ୍ରୀୟ ପ୍ରବକ୍ତା ଡ. ଉଦିତରାଜ ଉଦ୍‌ଘାଟନ କରିବା ସହ ଗୋପବନ୍ଧୁ ଜୟନ୍ତୀ ଅବସରରେ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ଦେଶରେ ଦେଖା ଦେଇଥିବା ସଙ୍କଟ ପାଇଁ କେନ୍ଦ୍ରର ମୋଦି ସରକାର ଦାୟୀ ବୋଲି ଡ. ରାଜ ମତ ଦେଇଥିଲେ। ଜାତିୟାଣ ଓ ସାମ୍ପ୍ରଦାୟିକ ଦଙ୍ଗା, ଦେଶରେ ଦରଦାମ୍ ବୃଦ୍ଧି, ବେକାରୀ, ବେରୋଜଗାରୀ, ଶିଳ୍ପର ଘରୋଇକରଣ, ଦେଶର ଜାତୀୟ ସମ୍ପତ୍ତିକୁ ଶାଗମାଛ ଦରରେ ବିକ୍ରି କରିବା ପ୍ରୟାସକୁ ଅଖିଳ ଭାରତ ଅଣସଙ୍ଗଠିତ ଶ୍ରମିକ ଓ କର୍ମଚାରୀ କଂଗ୍ରେସ ଆଗାମୀ ଦିନରେ ଦିଲ୍ଲୀରୁ ପଲ୍ଲୀ ପର୍ଯ୍ୟନ୍ତ ବିରୋଧ କରିବାକୁ ଉଦିତରାଜ ଆହ୍ୱାନ ଦେଇଥିଲେ। ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଗତ ସେପ୍ଟେମ୍ବର ୭ରୁ କନ୍ୟାକୁମାରୀରୁ କଶ୍ମୀର ପର୍ଯ୍ୟନ୍ତ ୧୫୦ ଦିନ ଧରି ଆରମ୍ଭ ହୋଇଥିବା ଭାରତ ଯୋଡୋ ଯାତ୍ରାକୁ ସମର୍ଥନ କରି ଅକ୍ଟୋବର ୩୧ରେ ଭୁବନେଶ୍ୱରରୁ ଆରମ୍ଭ ହେବାକୁ ଯାଉଥିବା ୨ ହଜାର କିଲୋମିଟର ବ୍ୟାପୀ ଏହି ପଦଯାତ୍ରାରେ ସମସ୍ତ ଜିଲା କମିଟି ବହୁସଂଖ୍ୟାରେ ଅଂଶଗ୍ରହଣ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି କନ୍‌ଭେନଶନରେ ଓଡିଶାର ବିଭିନ୍ନ ଜିଲାରୁ ଆସିଥିବା ୩୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଓ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ଏହା ପୂର୍ବରୁ ଏକ ବିଶାଳ ମୋଟର ସାଇକେଲ୍ ଶୋଭାଯାତ୍ରାରେ ଡ. ଉଦିତରାଜଙ୍କ ସହିତ ଆସିଥିବା ରାଷ୍ଟ୍ରୀୟ ଉପାଧକ୍ଷ ସଞ୍ଜୟ ଗାବା, ରାଷ୍ଟ୍ରୀୟ ସଚିବ ସି. ଏନ୍. ମୋହୁରିଆ ଓ ଓଡିଶା ପ୍ରଭାରୀ ଚନ୍ଦ୍ରଲେଖା ପାଣ୍ଡେଙ୍କୁ ପାଛୋଟି ଅଣାଯାଇଥିଲା। କନ୍‌ଭେନଶନରେ ରାଜ୍ୟ ସାଧାରଣ ସମ୍ପାଦକ ତ୍ରିଲୋଚନ ମହାନନ୍ଦ, ଉପାଧକ୍ଷା ଜ୍ୟୋସ୍ନା ସେନାପତି ଓ ମାଣିକପ୍ରଭା, ରାଉରକେଲା ଜିଲା କଂଗ୍ରେସ କମିଟି ସଭାପତି ଦେବବ୍ରତ ବିହାରୀ, ସୁନ୍ଦରଗଡ ଜିଲା କଂଗ୍ରେସ ସଭାପତି ବେଣୁମାଧବ ତ୍ରିପାଠୀ, ବିରେନ ସେନାପତି, ପ୍ରଭାତ ମହାପାତ୍ର, ରବି ରାୟ, ନିହାର ଦାସ, ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।




ରାଜ୍ୟସ୍ତରୀୟ କନ୍‌ଭେନଶନରେ ମଞ୍ଚାସୀନ ଅତିଥିବୃନ୍ଦ।

# ରାସ୍ତା ଉନ୍ନତୀକରଣ ଭିତ୍ତିପ୍ରସ୍ତର ସ୍ଥାପନ

**ଝାରସୁଗୁଡ଼ା ଅଫିସ,୯।୧୦**

ଝାରସୁଗୁଡା ପୂର୍ଣ୍ଣା- କଦୋପଡା- ବଂଜାରୀ-କୁରେବଗା ରାସ୍ତାର ଉନ୍ନତିକରଣ ଓ ଚିଠୁଆପଡା ହନୁମାନ ମନ୍ଦିର ପ୍ରାଙ୍ଗଣର ନବୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ। ରାଜ୍ୟ ସରକାରଙ୍କ ପାଣ୍ଠିରୁ ପ୍ରାୟ ୪କୋଟି ଟଙ୍କା ବିନିମୟରେ ଏହି ରାସ୍ତା ନିର୍ମାଣ କରାଯିବ। ଏହା ଝାରସୁଗୁଡା ନୂତନ ନିର୍ମାଣର ଏକ ଅଂଶବିଶେଷ ହେବାକୁ ଯାଉଥିବାବେଳେ ଏହାଦ୍ୱାରା ଲୋକଙ୍କୁ ଗମନାଗମନରେ ସୁବିଧା ହେବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। କୌଣସି ଜିଲାକୁ ସମୃଦ୍ଧ କରିବା ପାଇଁ ସୁଗମନା ଗମନର ବ୍ୟବସ୍ଥା ଅତି ଆବଶ୍ୟକ। ତେଣୁ ଝାରସୁଗୁଡାର ସମସ୍ତ ସ୍ଥାନକୁ ଉତ୍ତମ ରାସ୍ତା ନିର୍ମାଣ କରିବା ସହ ଆଗାମୀ ଦିନରେ ଆହୁରି ଉନ୍ନତିମୂଳକ କାର୍ଯ୍ୟ କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ପୌରାଧକ୍ଷା ରାନି ହାତୀ, ପୂର୍ବତନ ପୌରାଧକ୍ଷ ହରିଷ ଗଣତ୍ରା, କାଉନସିଲର ଝରଣା ଭୋଇ, ଦଲକୀ ସରପଞ୍ଚ ଯଶୋବନ୍ତୀ ଧୁରୁଆ, ସମିତି ସଭ୍ୟ ଲିଳିମା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ପରୀକ୍ଷିତ ନାଏକ, ଲୋକନାଥ ରୋହିଦାସ, ଭାଗିରଥି ସାହୁ, ବାସୁଦେବ ଛଛାଣ, ଅବିନ ସାହୁ, ଗଣେଷ ଓରାମ, ବିରେନ୍ଦ୍ର ଭଇଁସା ପ୍ରମୁଖ ଉପସ୍ଥିତ ଥିଲେ।




ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ନାମଫଳକ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

# ରୌପ୍ୟ ଜୟନ୍ତୀ ଲୋଗୋ ଉନ୍ମୋଚିତ

**ବେଦବ୍ୟାସ ନୃତ୍ୟୋତ୍ସବ**

**ରାଉରକେଲା ଅଫିସ,୯।୧୦**

ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ ଭଞ୍ଜ କଳାକେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଜାତୀୟ ସ୍ତରୀୟ ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବର ରୌପ୍ୟ ଜୟନ୍ତୀ ଲୋଗୋକୁ ଭଞ୍ଜ କଳାକେନ୍ଦ୍ର ସଭାପତି ଶୁଭ ଶଙ୍କର ରାୟଚୌଧୁରୀ ରବିବାର ଉନ୍ମୋଚନ କରିଛନ୍ତି। ରାଉରକେଲା ଭଞ୍ଜ କଳାକେନ୍ଦ୍ର ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଅବସରରେ ଉପସଭାପତି ଆଲୋକ ବେହେରା, ସାଧାରଣ ସମ୍ପାଦକ ରାଧାକୃଷ୍ଣ ମହାପାତ୍ର ଓ କଳାକେନ୍ଦ୍ରର ଅନ୍ୟ କର୍ମୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏହି ମହୋତ୍ସବର ୨୫ତମ ସଂସ୍କରଣ ନଭେମ୍ବର ୧ରୁ ୫ ତାରିଖ ପର୍ଯ୍ୟନ୍ତ ଭଞ୍ଜ ଭବନ ପରିସର ମୁକ୍ତାକାଶ ରଙ୍ଗମଞ୍ଚରେ ଅନୁଷ୍ଠିତ ହେବ। ଏଥିରେ ଦେଶରେ ବହୁ ନୃତ୍ୟ ସଙ୍ଗୀତ ବିଶାରଦମାନେ ରାଉରକେଲା ସହରକୁ ଆଗମନ କରିବେ। ପ୍ରତ୍ୟେକ ସନ୍ଧ୍ୟାରେ ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ସହ ସଙ୍ଗୀତ, ଲୋକନୃତ୍ୟ, ଆଦିବାସୀ ନୃତ୍ୟ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ଆୟୋଜକ ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।




ରୌପ୍ୟ ଜୟନ୍ତୀ ଲୋଗୋ ଉନ୍ମୋଚନ କରାଯାଉଛି।

# ଡିଏଭି ସ୍କୁଲରେ ଉତ୍କଳମଣି ଗୋପବନ୍ଧୁଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି

**ଝାରସୁଗୁଡ଼ା ଅଫିସ, ୯।୧୦**

ଡିଏଭି ପବ୍ଲିକ ସ୍କୁଲ ପରିସରରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୬ ତମ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଗୋପବନ୍ଧୁ ଜୟନ୍ତୀ ସଭାରେ ଗୋପବନ୍ଧୁଙ୍କ ଫଟୋଫଳକରେ ମାଲ୍ୟାର୍ପଣପୂର୍ବକ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ବରିଷ୍ଠ ଶିକ୍ଷକ ପ୍ରମୋଦ କୁମାର ନାଥ ଗୋପବନ୍ଧୁଙ୍କ ଜୀବନୀପାଠ କରିବା ସହିତ ଉତ୍କଳମଣିଙ୍କ ତ୍ୟାଗ, ସେବା ତଥା ସଂଘର୍ଷ କାହାଣୀ ଆମମାନଙ୍କ ଜୀବନଚକ୍ରରେ ସର୍ବଦା ପ୍ରେରଣାଦାୟୀ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷକ ପବିତ୍ର ମୋହନ କବି କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ବରିଷ୍ଠ ଶିକ୍ଷକ ସୁବାସ ଚନ୍ଦ୍ର ମିଶ୍ର ଏହି ସନ୍ଦର୍ଭରେ ନିଜ ବିଚାର ଉପସ୍ଥାପନ ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ବିଜୟ କୁମାର ଦାଶ, ସୁମନ୍ତ ବେହେରା, ରାହାସ ବିହାରୀ ଦାଶ, ଅକ୍ଷୟ କୁମାର ପାଣି ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ପାହାଡ଼ି ମନ୍ଦିର ସାଂସ୍କୃତିକ ପରିଷଦ ପକ୍ଷରୁ ଗଜଲକ୍ଷ୍ମୀ ପୂଜା

**ଝାରସୁଗୁଡ଼ା ଅଫିସ,୯।୧୦**

ଚଳିତବର୍ଷ ଝାରସୁଗୁଡ଼ା ପାହାଡ଼ି ମନ୍ଦିର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ କଲୋନୀ ଠାରେ ଗଜଲକ୍ଷ୍ମୀ ପୂଜା ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ମାଙ୍କ ଏହି ପୂଜା ପାହାଡ଼ି ମନ୍ଦିର ସାଂସ୍କୃତିକ ପରିଷଦ ତରଫରୁ ଦୀର୍ଘ ୧୨ବର୍ଷ ହେଲା ପାଳିତ ହୋଇଆସୁଛି। କରୋନା କଟକଣା ପାଇଁ ବିଗତ ଦୁଇ ବର୍ଷ ହେଲା ସାଙ୍କେତିକ ପୂଜା ଅନୁଷ୍ଠିତ ହୋଇଆସୁଥିଲା । କରୋନା କଟକଣା ହଟିବାପରେ ଚଳିତବର୍ଷ ଏହି ପୂଜା ବେଶ ଯାକଜମକ ଏବଂ ଉତ୍ସାହ ସହ ପାଳିତ ହୋଇଯାଇଛି। ଏହି ପୂଜାରେ ସାଂସ୍କୃତିକ ପରିଷଦ କର୍ମକର୍ତ୍ତା ବି.କେ. ବାଗ, ଏସ.ଏନ. ବେହେରା, ସଂଗ୍ରାମ ମହାନ୍ତି, ମୋହନମଣୀ ସାହୁ, କେ.ସି.ସାହୁ, ସଞ୍ଜୟ ପଟ୍ଟନାୟକ, ସି.ବି. ସିଂ, ସରୋଜ ସାହୁ, ଶୁଭେନ୍ଦୁ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ପୂଜାକାର୍ଯ୍ୟ ତୁଲାଉଛନ୍ତି। ସୋମବାର ମା'ଙ୍କ ବିସର୍ଜନ ହେବ ବୋଲି ଜଣାପଡିଛି।



ମା' ଗଜଲକ୍ଷ୍ମୀଙ୍କ ପୂଜା ଚାଲିଛି।

# ଷ୍ଟିଲସିଟି: ୧୨୪ ମଣ୍ଡପରେ ଗଜଲକ୍ଷ୍ମୀ ପୂଜା

**ରାଉରକେଲା ଅଫିସ,୯।୧୦**

ଷ୍ଟିଲସିଟି ରାଉରକେଲାରେ ରବିବାର ମା' ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। ରାଉରକେଲା ସହରର ସିଭିଲ ଟାଉନସିପ୍, ଫର୍ଟିଲାଇଜର, ବନ୍ଧମୁଣ୍ଡା, ଉଦିତନଗର, ବିରଜାପାଲି, ସେକ୍ଟର-୧୭ ଓ ଦକ୍ଷିଣ ରାଉରକେଲା ଆଦି ମୋଟ୍ ୧୨୪ଟି ମଣ୍ଡପରେ ମା' ଗଜଲକ୍ଷ୍ମୀଙ୍କର ମୃଣ୍ମୟୀ ପ୍ରତିମା ପୂଜା ପାଉଛନ୍ତି। ପୂଜା ପେଣ୍ଡାଲମାନଙ୍କରେ ରବିବାର ପ୍ରାତଃ ସମୟରେ ମା'ଙ୍କ ଷୋଡଷ ଉପଚାର ପୂଜା ସାଙ୍ଗକୁ ଘଟ ସ୍ଥାପନ, ପାର୍ଶ୍ୱ ଦେବାଦେବୀ ପୂଜା ଓ ହୋମକାର୍ଯ୍ୟ ହୋଇଛି। ପୂଜା ପାଇଁ ଉଚ୍ଚ ତୋରଣମାନ ତିଆରି ହୋଇଛି। ଅସାମାଜିକ ତତ୍ତ୍ୱ ଓ ଅପରାଧମୂଳକ କାର୍ଯ୍ୟକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ୩ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ମା' ଧନଦାତ୍ରୀଙ୍କ ପୂଜା ପାଇଁ ସହରର ବିଭିନ୍ନ ହାଟ ବଜାର ଚଳଚଞ୍ଚଳ ହୋଇ ଉଠିଛି। ବିଭିନ୍ନ ପେଣ୍ଡାଲରେ ସୁସଜ୍ଜିତ ଆଲୋକମାଳା ସାଙ୍ଗକୁ ମୀନାବଜାର ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରୁଛି। ଲକ୍ଷ୍ମୀପୂଜା ୮ଦିନ ଧରି ହେଉଥିବାବେଳେ ଆସନ୍ତା ୧୬ ତାରିଖରେ ସାରନଗରୀ ସ୍ଥିତ ବୋଇତବନ୍ଦାଣ ପଡିଆରେ ସିପିସି ପକ୍ଷରୁ ଗଜଲକ୍ଷ୍ମୀ ମେଳଣ ଉତ୍ସବ ଅନୁଷ୍ଠିତ ହେବ ବୋଲି କେନ୍ଦ୍ରୀୟ ପୂଜା କମିଟି କୋଷାଧ୍ୟକ୍ଷ ଆଲୋକ ମହାପାତ୍ର ସୂଚନା ଦେଇଛନ୍ତି।

# ଷଡ଼ବଂଶୀୟ ଗୋଁଣ୍ଡ ସମାଜ ଗୋଁଣ୍ଡୱାନା ମହାସଭାରେ ସାମିଲ ହେଲା



କାର୍ଯ୍ୟକ୍ରମରେ ଯୋଗଦେଇଥିବା ସଙ୍ଗଠନର କର୍ମକର୍ତ୍ତାମାନେ ।

**ଝାରସୁଗୁଡା ଅଫିସ,୯।୧୦**

ଅଖିଳ ଭାରତୀୟ ଗୋଁଣ୍ଡୱନା ଗୋଁଣ୍ଡ ମହାସଭାର ସାଧାରଣ ସଭା ସ୍ଥାନୀୟ ଗୋଁଣ୍ଡ ଭବନଠାରେ ରାଜ୍ୟ ସଭାପତି ମହେନ୍ଦ୍ର ନାଏକଙ୍କ ଅଧକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଉଛି। ଏହି ସଭାରେ ଝାରସୁଗୁଡା, ସମ୍ବଲପୁର ଓ ସୁନ୍ଦରଗଡ ଜିଲା ମଧ୍ୟରେ ସମନ୍ୱୟ ଓ ଏକତ୍ରିକରଣ ଆନ୍ତର୍ଜାତୀୟ ମହା ଅଧିବେଶନକୁ ସାକାର କରିବା ଉପରେ ଉଦ୍ଦିଷ୍ଟ ଥିଲା। ଷଡ଼ବଂଶୀୟ ଗୋଁଣ୍ଡ ସମାଜ ତଥା ଗୋଁଣ୍ଡ ସାଂସ୍କୃତିକ ସମାଜ ଭଳି ଛୋଟ ସଙ୍ଗଠନଗୁଡ଼ିକ ଗୋଁଣ୍ଡୱନା ଗୋଁଣ୍ଡ ମହାସଭା ସହିତ ସାମିଲ ହୋଇଛନ୍ତି। ଗୋଁଣ୍ଡ ସ୍କୁଲ ପ୍ରତିଷ୍ଠା କରି ଷଡବଂଶୀୟ ଗୋଁଣ୍ଡ ସମାଜ ସଙ୍ଗଠନ ନାମରେ ପରିଚାଳିତ ହେବ ବୋଲି ନିଷ୍ପତ୍ତି ହୋଇଛି। ପ୍ରତି ବ୍ଲକ ମୁଖ୍ୟାଳୟକୁ ନେଟୱର୍କ ଦ୍ୱାରା ସଂଯୋଗ କରି ଅନଲାଇନ ଜରିଆରେ ସମସ୍ତ ବର୍ଗ ଓ ଶ୍ରେଣୀର ପିଲାମାନଙ୍କୁ ଶିକ୍ଷା କ୍ଷେତ୍ରରେ ଉନ୍ନତି ପାଇଁ ସଂଯୋଗ କରାଯିବ। ଏହି ମହାଧିବେଶନରେ ଯୋଗ ଦେବାପାଇଁ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓଡିଶା, ଛତିଶଗଡ଼ ଓ ଝାଡ଼ଖଣ୍ଡ ତଥା ନେପାଳ, ଭୁଟାନ, ନ୍ୟୁଜିଲାଣ୍ଡ, ସାଉଥ ଆଫ୍ରିକା ଆଦି ଦେଶର ମୁଖିଆ ମାନଙ୍କୁ ଅତିଥି ଭାବରେ ନିମନ୍ତ୍ରଣ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ମୟୁରଭଞ୍ଜ ଜିଲାର କରଞ୍ଜିଆଠାରେ ଆସନ୍ତା ୧୬ ତାରିଖ ନୂଆଁଖାଇ ଭେଟଘାଟ ସହିତ ମହାଅଧିବେଶନର ପ୍ରସ୍ତୁତି ସଭା ହେବ ବୋଲି ନାଏକ ଜଣାଇଛନ୍ତି। ଏହି ସଭାରେ ଝାରସୁଗୁଡା ଜିଲା ସଭାପତି ଉମ୍ବରୁଧର ନାଏକ, ରାଜ୍ୟ ମହାସଚିବ ମଧୁସୂଦନ ପ୍ରଧାନ, ଚୁଡାମଣୀ ଧୁରୁଆ, ସୁନ୍ଦରଗଡ ସଦର ବ୍ଲକ ସଭାପତି ଲଳିତ ମୋହନ ପ୍ରଧାନ, ଝାରସୁଗୁଡା ଜିଲା ମହିଳା ସଭାନେତ୍ରୀ ସୁନିତା ନାଏକ, ରେଢାଖୋଲ ବ୍ଲକ ସଭାପତି ପୁରନ୍ଦର ପୁଟା, ଯୁଯୁମୁରା ବ୍ଲକ ସଭାପତି ଅଶ୍ୱିନୀ ଭୋଇ, ଧନକୌଡା ବ୍ଲକ ସଭାପତି ହୃଷିକେଶ ଭୋଇ, ମାନେଶ୍ୱର ବ୍ଲକ ସଭାପତି ପୃଥିରାଜ ମାଝୀ, ଲଖନପୁର ବ୍ଲକ ସଭାପତି ବେଣୁଧର ଭୋଇ, କୋଳାବିରା ବ୍ଲକ ସଭାପତି ରୁଦ୍ରପ୍ରତାପ ସିଂହ, ଝାରସୁଗୁଡା ବ୍ଲକ ସଭାପତି ଭେଶଜ ମାଝୀ, କିର୍ମିରା ବ୍ଲକ ସଭାପତି ହରିହର କୁମୁରା, ସମ୍ବଲପୁର ଜିଲା ଉପସଭାପତି ଯୁଗେଶ୍ୱର ପଟ୍ଟା, ମହାସଚିବ ପ୍ରଫୁଲ୍ଲ କୁମୁରା, କୁଚିଣ୍ଡା ବ୍ଲକ ମହାସଚିବ ସଦାଶିବ ଭୋଇ, ସୁଖାଶୋଡା ଗୁଡି ସଭାପତି ହରିହର ସିକାରୀ ପ୍ରମୁଖ କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

# ଫୁଟବଲ ଟୁର୍ନାମେଣ୍ଟ: ପ୍ରଗତି କ୍ଲବ ଚାମ୍ପିୟନ

**ଝାରସୁଗୁଡ଼ା ଅଫିସ,୯।୧୦**

ଝାରସୁଗୁଡା ଜିଲା କିର୍ମିରା ବ୍ଲକ ଅର୍ଡା ପଞ୍ଚାୟତ ଭୁର୍ଲାଡିହି ଗ୍ରାମରେ ଗଡଦେୀ କ୍ଲବ ଆନୁକୁଲ୍ୟରେ ତ୍ରିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା। ଫାଇନାଲରେ ପ୍ରଗତି କ୍ଲବ ଚାମ୍ପିୟନ ହୋଇଛି। ଫାଇନାଲରେ ଗୋଏଯୋର ସୁନ୍ଦରଗଡ ଓ ପ୍ରଗତୀ କ୍ଲବ ଝାରସୁଗୁଡା ମଧ୍ୟରେ ଅତିରୋମାଞ୍ଚକର ଖେଳ ହୋଇଥିଲା। ଶେଷରେ ପ୍ରଗତୀ କ୍ଲବ ଝାରସୁଗୁଡା ୧ -୦ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ବନ୍ଧପାଲି ପଞ୍ଚାୟତ ସରପଞ୍ଚ ତପି ମରେଇ, ସମ୍ମାନୀତ ଅତିଥି ଅର୍ଡା ପଞ୍ଚାୟତ ପୂର୍ବତନ ସରପଞ୍ଚ ଅଶ୍ୱିନୀ ଦଣ୍ଡପାଟ, ଯୁବନେତା ମଳୟ ସାହୁ, ଗୋବର୍ଦ୍ଧନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଦ୍ୱିତୀୟ ଦିବସରେ ପୂର୍ବତନ ସରପଞ୍ଚ ଚୂଡାମଣୀ ସାହୁ, ପୂର୍ବତନ ବ୍ଲକ ଉପାଧକ୍ଷ ଗୋପାଳ କଲାର ପ୍ରମୁଖ ଯୋଗ ଦେଇଥିଲେ। ଏହା ସହିତ ଉଦଯାପନୀ ଉତ୍ସବରେ ଝାରସୁଗୁଡା ଜିଲା କୃଷକ ନେତା ଜଗନ୍ନାଥ ଜେନା, ଆଞ୍ଚଳିକ ବିକାଶ ସଂଘ ସଭାପତି ଦୁଃଖବନ୍ଧୁ ବାଗ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ଗଡଦେବୀକ୍ଲବ ଭୁର୍ଲାଡିହି, ତାଳପଟିଆ ଏଫସି, ଆଦର୍ଶ କ୍ଲବ ଏମପି, ବ୍ଲାକ୍‌ଟାଇଗର ସମ୍ବଲପୁର, ଗୋଏଯୋର ଏଫସି, ଭିଏସଏସ ଏୟାରପୋର୍ଟ, ସିଟି କ୍ଲବ ଝାରସୁଗୁଡା, ଜୟକିଷାନ କ୍ଲବ ସୁନ୍ଦରଗଡ଼, ମୁଣ୍ଡାଡିପା ଝାରସୁଗୁଡା, ଇଗଲବ୍ରଦର୍ସ ଝାରସୁଗୁଡା, ଲୋକାର ଏଗାର, ଏନୱାଇଏସ ବଡେଇମୁଣ୍ଡା, ରାଧାକୃଷ୍ଣ କ୍ଲବ ସମ୍ବଲପୁର, ଜୟ ଶ୍ରୀରାମ କ୍ଲବ ଝାରସୁଗୁଡା, ପ୍ରଗତୀ କ୍ଲବ ଝାରସୁଗୁଡା, ସୁରଜ କ୍ଲବ ସୁନ୍ଦରଗଡ ପ୍ରମୁଖ ସମୁଦାୟ ୧୬ ଦଳ ଅଂଶଗ୍ରହଣ କରିଥିଲେ। ବିଜେତା ଚାମ୍ପିୟନ ପ୍ରଗତୀ କ୍ଲବକୁ ୩୦ ହଜାର ଟଙ୍କା ସହ ଚାମ୍ପିୟନଶିପ କପ ଓ ଉପବିଜେତା ଗୋଏଯୋରଦଳକୁ ୨୦ ହଜାର ଟଙ୍କା ସହ ରନର୍ସ କପ ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଏହା ସହିତ ଭଲ ପ୍ରଦର୍ଶନ କରିଥିବା ତୃତୀୟ ଓ ଚତୁର୍ଥ ଦଳକୁ ୧୫ଶହ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଗଡଦେବୀ କ୍ଲବର ନରୋତ୍ତମ ସା, ବିରେନ୍ଦ୍ର ଖରସେଲ, ସମୀର ପ୍ରଧାନ, ପ୍ରକାଶ ସା, ସତୀଶ କାଲୋ ପ୍ରମୁଖ ଯୁବକଙ୍କ ପ୍ରଚେଷ୍ଟାରେ ଅନୁଷ୍ଠିତ ହୋଇଥିଲା। ରେଫରୀ ହୁତାସନ ବାଗ, ଅନୀଲ ପଟେଲ, ଆକାଶ ବାଗ, ବୈକୁଣ୍ଠ ପ୍ରଧାନ ସୂଚାରୁ ରୂପେ ଖେଳକୁ ପରିଚାଳନା କରିଥିଲେ ।




ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

## ସଂକ୍ଷେପରେ

### ସମଲେଇ ମନ୍ଦିରରେ ନୂତନ ଧ୍ୱଜାରୋହଣ

**ସମ୍ବଲପୁର,୯।୧୦(ବ୍ୟୁରୋ):** ଆଶ୍ୱିନ ପୂର୍ଣ୍ଣମୀ ତିଥିରେ ସମଲେଶ୍ୱରୀ ମନ୍ଦିରରେ ରବିବାର ରାତିରେ ନୂତନ ଧ୍ୱଜାରୋହଣ ନୀତି ସମ୍ପନ୍ନ ହୋଇଛି। ସାତଟି ମହାଦୀପ ସାତ ଥର ମନ୍ଦିର ପରିକ୍ରମା କରିଥିଲା। ପୂଜକମାନେ ମହାଦୀପ ମନ୍ଦିର ଶୀର୍ଷକୁ ନେଇଥିଲେ। ଘଣ୍ଟ, ଶଙ୍ଖ, ହରିବୋଲ, ହୁଳହୁଳ ସାଙ୍ଗକୁ ଜୟ ମା' ସମଲେଶ୍ୱରୀ ଧ୍ୱନିରେ ମନ୍ଦିର ପରିସର ପ୍ରକମ୍ପିତ ହୋଇଥିଲା। ସମଲେଇଙ୍କୁ ମୁଣ୍ଡିଆ ମାରି ନୂତନ ପାଟଧ୍ୱଜା ନେଇ ଗମ୍ଭୀରା ଭିତରୁ ପୂଜକମାନେ ବାହାରିଥିଲେ। ଧ୍ୱଜା ମନ୍ଦିର ଶୀର୍ଷକୁ ନିଆଯାଇଥିଲା। ରଙ୍ଗୀନ ଆତସବାଜିରେ ମୁକ୍ତାକାଶ ଝଟକୁ ଥିଲା। ରାତି ୯ଟାରେ ନୂତନ ଧ୍ୱଜା ରୋହଣ କରାଯାଇ ପୁରୁଣା ପାଟଧ୍ୱଜାକୁ ଅବତରଣ କରାଯାଇଥିଲା। ପୁରୁଣା ଧ୍ୱଜା ନେବାକୁ ଭକ୍ତମାନେ ଧାଡିବାନ୍ଧି ଛିଡା ହୋଇଥିଲେ। ବିନୋଦ ସ୍ୱାଇଁ ଓ ବିଶ୍ୱଜିତ ସ୍ୱାଇଁ ଧ୍ୱଜାକୁ ମନ୍ଦିର ଶୀର୍ଷକୁ ନେଇଥିଲେ। ଉମେଶ ସ୍ୱାଇଁ, ବିବେକ ସ୍ୱାଇଁ, ସୌରଭ ସ୍ୱାଇଁ ସହଯୋଗ କରିଥିଲେ। ଏହି ଅବସରରେ ବାଦ୍ୟର ତାଳେ ତାଳେ ଯୁବକଙ୍କ ନିଆଁ ଖେଳ ମନଛୁଆଁ ହୋଇଥିଲା।

### କାମାକ୍ଷା ମନ୍ଦିରରେ ନବରାତ୍ର ହୋମଯଜ୍ଞ



**ସମ୍ବଲପୁର,୯।୧୦(ବ୍ୟୁରୋ):** ଶାରଦୀୟ ନବରାତ୍ର ହୋମ ଯଜ୍ଞ ରବିବାର ସମ୍ବଲପୁର ଭାଲୁପାଲି ନିକଟସ୍ଥ ମା' କାମାକ୍ଷା ଦେବୀଙ୍କ ମନ୍ଦିରଠାରେ ସମ୍ପନ୍ନ ହୋଇଛି। ପଣ୍ଡିତ ଜୟଗୋପାଳ ସୁଆର ପୂଜାର୍ଚ୍ଚନା କରିଥିଲେ। ରାମଶଙ୍କର ସାହୁ ଓ ସ୍ତ୍ରୀ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଅବସରରେ କାମାକ୍ଷା ଦେବୀ ରାଜରାଜେଶ୍ୱରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଗୋଧୂଳି ଲଗ୍ନରେ ମହାଆଳତୀ ହୋଇଥିଲା। ଏହାପରେ ଭକ୍ତଙ୍କ ଗହଣରେ ନୂତନ ଧ୍ୱଜା ନୀତି ହୋଇଥିଲା।

# ଧନମାଳିଙ୍କ ସଫଳତାର ସଂଘର୍ଷ ଉଦାହରଣ



ଧନମାଳି ମହାନନ୍ଦଙ୍କୁ ଶୁଭେଚ୍ଛା ଜଣାଯାଉଛି।

## ଓସିଏସ୍‌ରେ ୨୪୮ ର୍‌ୟାଙ୍କ, ଛୁଟୁଛି ଶୁଭେଚ୍ଛା

**ସମ୍ବଲପୁର,୯।୧୦(ବ୍ୟୁରୋ)**

ଆର୍ଥିକ ସଙ୍କଟ ପାଠପଢ଼ାରେ ବାଧା ସୃଷ୍ଟି କରି ପାରି ନ ଥାଏ। ନିଜର ଦୃଢ଼ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ ସଫଳତା ଆଣିଥାଏ। ସଫଳତା ପାଇବା ପରେ ସମାଜରେ ଆପେ ଆପେ ପ୍ରଶଂସା ଓ ଖ୍ୟାତି ମିଳିଥାଏ। ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ ୨୪୮ ର୍‌ୟାଙ୍କ ରଖିଥିବା ସମ୍ବଲପୁର ବରେଇପାଲି ନୂଆପଡ଼ାର ଧନମାଳି ମହାନନ୍ଦ ଏ କ୍ଷେତ୍ରରେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ଫଳାଫଳ ପ୍ରକାଶ ପାଇବା ପରେ ବିଭିନ୍ନ ଅନୁଷ୍ଠାନ, ରାଜନୈତିକ ବ୍ୟକ୍ତି, ବୁଦ୍ଧିଜୀବୀ, ଶିକ୍ଷାବିତ୍ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏଥିସହ ତାଙ୍କର ସଂଘର୍ଷମୟ ଜୀବନକୁ ନେଇ ବିଭିନ୍ନ ମହଲରେ ଆଲୋଚନା କରାଯାଉଛି।

ଗଣ୍ଡା ସମାଜ କଲ୍ୟାଣ ପରିଷଦ ସଭାପତି ନିହାଲ ସିଂଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଧନମାଳିଙ୍କ ଘରେ ପହଞ୍ଚି ଶୁଭେଚ୍ଛା ଜଣାଇବା ସହ ଭବିଷ୍ୟତରେ ଜଣେ ଉତ୍ତମ, ନିଷ୍ଠାପର ପ୍ରଶାସନିକ ଅଧିକାରୀ ହେବାକୁ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ନୂଆପଡ଼ାର ଏକ ଦିନ ମଜୁରିଆ ଘରେ ଧନମାଳି ଜନ୍ମଗ୍ରହଣ କରିଥିଲେ। ପରିବାରରେ ଅଭାବ ଅନାଟନ ରହିଥିବାରୁ ବାପା ଦୀଲିପ ଓ ମା ନଳିନୀଙ୍କ ମଧ୍ୟରେ ପାରିବାରିକ ସମ୍ପର୍କ ବିଗିଡ଼ି ଯାଇଥିଲା। ବରଗାଁ ମାମୁଁଘରକୁ ଯାଇ ସେଠାରେ ରହୁଥିଲେ। ପାଠପଢ଼ା ସେଠାରେ ଆରମ୍ଭ କରିଥିଲେ। ହେଲେ ଧନମାଳିଙ୍କ ପାଠପଢ଼ାରେ ଆଗ୍ରହ ଦେଖି ମା' ନଳିନୀ ନୂଆପଡ଼ାସ୍ଥିତ ନିଜର ଜଣେ ସମ୍ପର୍କୀୟଙ୍କ ଘରେ ରହିଥିଲେ। ନଳିନୀ ବିଭିନ୍ନ ଲୋକଙ୍କ ଘରେ କାମ କରି ପୁଅକୁ ପାଠ ପଢ଼ାଉଥିଲେ। ପାଠପଢ଼ା ଖର୍ଚ୍ଚ ତୁଲାଇବାରେ ଅସୁବିଧା ହେବାରୁ ଧନମାଳି ନିଜେ ଏକ ସାବୁନ ଫ୍ୟାକ୍ଟ୍ରିରେ କାମ କରୁଥିଲେ। ଏହାସହ ବିଭିନ୍ନ ଖବରକାଗଜ ବିକ୍ରି କରି ରୋଜଗାର କରିଥିଲେ। ଗ୍ରାହକମାନଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରୁଥିବାରୁ ସେ ଭଲ ହକର ଭାବେ ପରିଚିତ ହୋଇଥିଲେ। ବର୍ଷା ସମୟରେ ଖବରକାଗଜ ଓଦା ହୋଇଯିବାରୁ କେତେଜଣ ଗ୍ରାହକ ଗାଲିଗୁଲଜ କରିବାରୁ ସେ ଏହି କାମରୁ ନିବୃତ୍ତ ହୋଇ କ୍ୟାଟରିଂ କାମରେ ନିୟୋଜିତ ହୋଇଥିଲେ। ୨୦୧୧ ମସିହାରେ ୮୫ ପ୍ରତିଶତ ମାର୍କ ରଖି ମାଟ୍ରିକ ପାସ କରିଥିଲେ। ପରେ ଗଙ୍ଗାଧର ମେହେର କଲେଜରୁ ଯୁକ୍ତ ୨ ବିଜ୍ଞାନରେ ୨୦୧୩ ମସିହାରେ ୮୧ପ୍ରତିଶତ ମାର୍କ ରଖି ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ। ଏହାପରେ ଏନଟ୍ରାନ୍ସ ପରୀକ୍ଷା ଦେଇ ବୁର୍ଲା ଭିସୁଟ ଇଞ୍ଜିନିୟରିଂ କଲେଜରେ ସିଭିଲ ଇଞ୍ଜିନିୟରିଂ ପାଠ ପଢ଼ିବା ପାଇଁ ନାମ ଲେଖାଇଥିଲେ। ଏହି ସମୟରେ ଟଙ୍କା ଅଭାବ ଦେଖାଦେଇଥିଲା। ଏହା ଜାଣି କେତେକ ସାମାଜିକ ଅନୁଷ୍ଠାନ ଆର୍ଥିକ ସହଯୋଗ କରିଥିଲେ। ପରେ ପିଲାମାନଙ୍କୁ ଟିଉସନ ପଢ଼ାଇବା, ସରକାରଙ୍କ ଷ୍ଟାଇପେଣ୍ଡ ଓ ଶିକ୍ଷା ଋଣରେ ପଢ଼ା ଖର୍ଚ୍ଚ ଉଠାଇ ଥିଲେ। ୨୦୧୭ ମସିହାରେ କ୍ୟାମ୍ପସ ପ୍ଲେସମେଣ୍ଟରେ ଏକ ସଫ୍ଟୱେର କମ୍ପାନୀରେ ନିଯୁକ୍ତି ପାଇଥିଲେ। ଛତିଶଗଡ଼ର ଏକ ଏନଜିଓରେ ମଧ୍ୟ ତାଙ୍କର କାମ କରିବାର ଅଭିଜ୍ଞତା ରହିଛି। ସେ ସମୟରେ ଜଣେ ପ୍ରଶାସନିକ ଅଧିକାରୀଙ୍କ ସମ୍ପର୍କରେ ଆସି ତାଙ୍କଠାରୁ ପ୍ରେରଣା ପାଇ ପ୍ରଶାସନିକ ଅଧିକାରୀ ହେବାକୁ ମନ ବଳାଇଥିଲେ । ଏହି ପରୀକ୍ଷା ପାଇଁ ସେ କୌଣସି କୋଚିଂ ସେଣ୍ଟରକୁ ନ ଯାଇ ନିଜେ ପ୍ରସ୍ତୁତି କରିଥିଲେ। ପ୍ରାୟ ୧୨ରୁ ୧୩ଘଣ୍ଟା ପରିଶ୍ରମ କରୁଥିଲେ। ତାଙ୍କର ସଫଳତା ପାଇଁ ମାଆ, ଈଶ୍ୱର, ସାଙ୍ଗସାଥୀ ଓ ତାଙ୍କୁ ସହଯୋଗ କରିଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଶ୍ରେୟ ଦେଇଛନ୍ତି।

# ସମଲେଇଙ୍କ ରାଜରାଜେଶ୍ୱରୀ ବେଶ



ସମଲେଇ ଦେବୀଙ୍କ ରାଜରାଜେଶ୍ୱରୀ ବେଶ।

**ସମ୍ବଲପୁର,୯।୧୦ (ବ୍ୟୁରୋ)**

କୁମାର ପୂର୍ଣ୍ଣମୀ ତିଥିରେ ଇଷ୍ଟଦେବୀ ସମଲେଇ ରାଜରାଜେଶ୍ୱରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ପରମ୍ପରା ଓ ରୀତିନୀତି ଅନୁସାରେ ଭୋର ୫ଟାରେ ମଙ୍ଗଳ ଆଳତି, ସାଢ଼େ ୫ଟାରେ ମନ୍ଦିର ଦ୍ୱାର ଉନ୍ମୁକ୍ତ ହୋଇଥିଲା। ପୂର୍ବାହ୍ନ ୧୧ଟା ୪୫ମିନିଟରୁ ଅପରାହ୍ନ ସାଢ଼େ ୧୨ଟା ପର୍ଯ୍ୟନ୍ତ ଦେବୀଙ୍କଠାରେ ଅନ୍ନଭୋଗ ନୀତି ହୋଇଥିଲା। ଅପରାହ୍ନ ୩ଟାରୁ ସାଢ଼େ ୪ଟା ପର୍ଯ୍ୟନ୍ତ ପୂଜକମାନେ ଦେବୀଙ୍କୁ ରାଜରାଜେଶ୍ୱରୀ ବେଶରେ ସଜ୍ଜିତ କରିଥିଲେ। ମା' ସମଲେଇ ସମ୍ବଲପୁରୀ ପାଟବସ୍ତ୍ର, ସୁନାର ପଦ୍ମମୁଖ, କର୍ଣ୍ଣାଞ୍ଚଳ, ଢ଼ାଲ, କଙ୍କଣ, ମୁକୁଟ, ଲଲାଟପଟ୍ଟି, ବେଲପତ୍ର, ନଥ, ଓଡ଼ି, ଅର୍ଦ୍ଧଚନ୍ଦ୍ର, କିଆପତରି, ସୁନା ଛତ୍ର, ରୁପାର ସିଂକଟା, କିରଟିରେ ଆଭୁଷିତା ହୋଇଥିଲେ। ଅପରାହ୍ନ ସାଢ଼େ ୪ଟାରେ ଆଳତୀ ହେବା ସହ ଭକ୍ତମାନେ ମନଲୋଭା ରାଜରାଜେଶ୍ୱରୀ ବେଶ ଦର୍ଶନ କରିଥିଲେ। ଘଣ୍ଟ, ଶଙ୍ଖ, ହରିବୋଲ, ହୁଳହୁଳି ପଞ୍ଚବାଦ୍ୟରେ ମନ୍ଦିର ପରିସର ପ୍ରକମ୍ପିତ ହୋଇଥିଲା। ସମଲେଇଙ୍କୁ ମୁଣ୍ଡିଆ ମାରି ସହସ୍ରାଧିକ ଭକ୍ତ ଦେବୀଙ୍କୁ ଆରାଧନା କରିଥିଲେ। ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟଙ୍କ ସମେତ ଅକ୍ଷୟ ରାୟ, ଅମିୟ ରାୟ, ବୃନ୍ଦାବନ ରାୟ, ଓକିଲ ରାୟ, କୋଦଣ୍ଡ ରାୟ, ମନୋଜ ରାୟ, ସଗନ ରାୟ ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ। ମନ୍ଦିର ଟ୍ରଷ୍ଟବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ ଓ ଟ୍ରଷ୍ଟ ସଭ୍ୟଙ୍କ ତତ୍ତ୍ୱାବଧାନରେ ଭକ୍ତମାନେ ଦେବୀଙ୍କ ଦର୍ଶନ କରିଥିଲେ। ରାତ୍ରିରେ ସମଲେଇ ମନ୍ଦିରରେ ନୂତନ ପାଟ ଧ୍ୱଜା ଲଗାଯାଇଛି।

# ପଞ୍ଚମୁଖୀ ଗଜଲକ୍ଷ୍ମୀ ପୂଜା ଆରମ୍ଭ

**ସମ୍ବଲପୁର,୯।୧୦(ବ୍ୟୁରୋ)**

ସମ୍ବଲପୁର ମୁଦିପଡ଼ା ପଞ୍ଚମୁଖୀ ଗଜଲକ୍ଷ୍ମୀ ପୂଜା ରବିବାର ଆରମ୍ଭ ହୋଇଛି। ମହାନଦୀ ଘାଟରୁ ମହିଳାମାନେ ପୂର୍ଣ୍ଣ କଳସ ମୁଣ୍ଡେଇ ସହର ପରିକ୍ରମା କରିବା ପରେ ମୁଖ୍ୟ ସରକାରୀ ଡାକ୍ତରଖାନା ପଛପଟସ୍ଥିତ ଗଜଲକ୍ଷ୍ମୀ ପୂଜା ମଣ୍ଡପରେ ପହଞ୍ଚିଥିଲେ। ପଣ୍ଡିତ ସାନୁଜ ଗୋସ୍ୱାମୀ, ପଣ୍ଡିତ ଲଳିତ ତ୍ରିପାଠୀ, ପଣ୍ଡିତ ସିଦ୍ଧି ନାୟକ ଓ ଅଙ୍କିତ ପୂଜାକାର୍ଯ୍ୟ ତୁଲାଇଥିଲେ। ମନୋଜ ତରିଆ ଓ ସ୍ୱାତୀ ତରିଆ କର୍ତ୍ତା କାର୍ଯ୍ୟ ସମ୍ପାଦନା କରିଥିଲେ। ଚଳିତବର୍ଷ ଗଜଲକ୍ଷ୍ମୀ ପୂଜା ୧୦ ବର୍ଷରେ ପଦାର୍ପଣ କରିଛି। ଏହାକୁ ଦୃଷ୍ଟିରେ ରଖି ପୂଜା କମିଟି ସାଂସ୍କୃତିକ କାର୍ଯ୍ୟକ୍ରମ ସହ ରଙ୍ଗବେରଙ୍ଗର ଆଲୋକମାଳା ଓ ଆକର୍ଷଣୀୟ ପୂଜା ମଣ୍ଡପ ତିଆରି କରିଛି। ପୂଜା କମିଟିର ବୁଲୁ ମିଶ୍ର, ରାଧାମୋହନ ମିଶ୍ର, ପ୍ରେମାଞ୍ଚଳ ପଣ୍ଡା, ସୀମାଞ୍ଚଳ ପଣ୍ଡା, ମଧୁସୁଦନ ମିଶ୍ର, ଅରୁଣ ସାହୁ, କୋଦଣ୍ଡ ନାୟକ, ବିନୋଦ ପ୍ରଧାନ, ରାମଚନ୍ଦ୍ର ପୋଢ଼, ମଧୁସୁଦନ ଦାସ, କମିଟି ଉପଦେଷ୍ଟା ଡ. ବିଜୟ କୁମାର ପ୍ରଧାନ, ନିମେଇ କର, ଭୁବନେଶ୍ୱର ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହେଉଛି। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର କରାଯାଇଛି। ଆସନ୍ତା ୧୨ ତାରିଖରେ ଦେବୀଙ୍କ ଭସାଣି କାର୍ଯ୍ୟକ୍ରମ ରହିଛି।



ମୁଦିପଡ଼ା ପଞ୍ଚମୁଖୀ ଗଜଲକ୍ଷ୍ମୀ ପୂଜା ଲାଗି କଳସ ଯାତ୍ରା ।

## ବିଏସ୍‌ପି ପକ୍ଷରୁ କାଂଶୀରାମଙ୍କ ସ୍ମୃତି ଦିବସ

**ସମ୍ବଲପୁର,୯।୧୦(ବ୍ୟୁରୋ)**

ବହୁଜନ ସମାଜ ପାର୍ଟି(ବିଏସପି) ସମ୍ବଲପୁର ଜିଲା କମିଟି ପକ୍ଷରୁ କାଂଶୀରାମଙ୍କ ୧୬ତମ ସ୍ମୃତି ଦିବସ ରବିବାର ସାମ୍ବାଦିକ ଭବନଠାରେ ପାଳିତ ହୋଇଯାଇଛି। ବିଏସପି ଜିଲା ସଭାପତି ଦୀଲିପ କୁମାର ସିଂଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ବିଏସପି ଜିଲା ସଂଯୋଜକ ସଦାନନ୍ଦ ରଣବିଡା, ନବିନ ନାଏକ, ଜିଲା କୋଷାଧ୍ୟକ୍ଷ କୁମ୍ଭକର୍ଣ୍ଣ ବୌଦ୍ଧ ଶ୍ରଦ୍ଧାଞ୍ଜଳି ସଭାରେ କାଂଶୀରାମ ଜୀଙ୍କ ଜୀବନୀ, ନୀତି ଓ ଆଦର୍ଶ ଉପରେ ଆଲୋଚନା କରିଥିଲେ। ସମସ୍ତ ବିଏସପି କାର୍ଯ୍ୟକର୍ତ୍ତା କାଂଶୀରାମଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ଏଥିସହ ତୃଣମୂଳ ସ୍ତରରୁ ବିଏସପି ସାଙ୍ଗଠନିକ ସ୍ଥିତିକୁ ଆହୁରି ମଜଭୁତ କରାଗଲେ ଦଳର ପ୍ରତିଷ୍ଠାତା କାଂଶୀରାମଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ମତ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଏସପି ସମ୍ବଲପୁର ମହାନଗର ସଭାପତି ପିଣ୍ଟୁ ବେସନ, ସମ୍ବଲପୁର ମହାନଗର ଉପସଭାପତି ରିଜୱାନ ଖାନ, ଟିଙ୍କୁ କରାଲି, ମହିଳା ନେତ୍ରୀ ନନ୍ଦିନୀ ସିଂ, ଲିଳା ସିଂଙ୍କ ସମେତ ଜିଲାର ବିଭିନ୍ନ ବ୍ଲକରୁ ବିଏସପିର ବରିଷ୍ଠ ପଦାଧିକାରୀମାନେ ଯୋଗ ଦେଇଥିଲେ। ସରକାରଙ୍କ ଆଦିବାସୀ ତଥା ଦଳିତ ବିରୋଧୀ ନୀତି ବିରୋଧରେ ଆଗାମୀ ଦିନରେ ବ୍ୟାପକ ଜନ ଆନ୍ଦୋଳନ କରାଯିବ ବୋଲି ନେତୃବୃନ୍ଦ ଘୋଷଣା କରିଥିଲେ।

# ଉତ୍କଳମଣି ଗୋପବନ୍ଧୁଙ୍କ ଜୟନ୍ତୀ ପାଳିତ



ଗୋପବନ୍ଧୁଙ୍କ ଜୟନ୍ତୀ ଅବସରରେ ଆୟୋଜିତ ସଭାରେ ଯୋଗ ଦେଇଥିବା ଅତିଥି।

**ଜମନକିରା,୯।୧୦(ଡି.ଏନ.ଏ.)**

ଜମନକିରା ବ୍ଲକ ଅନ୍ତର୍ଗତ ତବଲାକଟା ଗ୍ରାମର ଅଙ୍ଗନୱାଡି କେନ୍ଦ୍ରରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଅଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ କୁଟୁରାଚୁଆଁ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ବିଜାଗୁଡ଼ା ଗ୍ରାମର ସାମାଜିକ କର୍ମୀ ଦିବ୍ୟ ସାହୁ , ଅଙ୍ଗନୱାଡି କର୍ମୀ ବିମଳା ମାଝୀ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଗୋପବନ୍ଧୁଙ୍କ ଜୀବନୀ ବିଷୟରେ ଆଲୋକପାତ କରିବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ କହିଥିଲେ। କୁଚିଣ୍ଡା ଚାଇଲ୍ଡ ଲାଇନ କର୍ମୀ ଶ୍ୱେତାଙ୍ଗିନୀ ବାରିକ ସଭା ପରିଚାଳନା କରିଥିଲେ। ଏହି ଅବସରରେ ସ୍ୱାମୀ ବିବେକାନନ୍ଦ ଶିଶୁ ସଂଘର ସଦସ୍ୟମାନଙ୍କୁ ନେଇ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଲାଭ କରିଥିବା ପ୍ରତିଜ୍ଞା କୁସୁମ , ଲକ୍ଷ୍ମୀପ୍ରିୟା ମହାନନ୍ଦ, ଈଶ୍ୱରୀ ବେହେରାଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ଶେଷରେ ଚାଇଲ ଲାଇନ କର୍ମୀ ମିଲୀ ଧନ୍ୟବାଦ ଅର୍ପଣ କରିଥିଲେ।

# କୁଚିଣ୍ଡା ଏନ୍‌ଏସିରେ ବିଜେଡିର ପଦଯାତ୍ରା

**କୁଚିଣ୍ଡା,୯।୧୦(ଡି.ଏନ.ଏ.)**

କୁଚିଣ୍ଡା ଏନଏସିର ୱାର୍ଡ ନଂ୪ସ୍ଥିତ ପୂର୍ତ୍ତବିଭାଗ ବଙ୍ଗଳାଠାରୁ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକଙ୍କ ନେତୃତ୍ୱରେ ବିଜେଡିର ଜନସଂପର୍କ ପଦଯାତ୍ରା ରବିବାର ହୋଇଯାଇଛି। ଏହି ଅବସରରେ ସର୍ଗିଡିହିପଡ଼ା କାର୍ତ୍ତିକ ମଣ୍ଡପଠାରେ ନଗରସଭାପତି ସଞ୍ଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଏକ ସଭା ହୋଇଥିଲା। ସଭାରେ ବିଧାୟକ ନାଏକଙ୍କ ସମେତ କୁଚିଣ୍ଡା ନଗରପାଳ ପ୍ରଦ୍ୟୁତ କୁମାର ମହାନ୍ତି, ଉପ ନଗରପାଳ ଦେବଜାନୀ କାଲୋ, ବ୍ଲକ ସଭାପତି ଅମୂଲ୍ୟ ମିଶ୍ର, ଜିଲା ପରିଷଦ ସଭ୍ୟ ଅଜିତ୍ କୁମାର ମହାପାତ୍ର, ୱାର୍ଡ ସଭାପତି ବିମଳା ମହାନନ୍ଦ, ୱାର୍ଡ କାଉନସିଲର ଏ. ଛତ୍ରିଆ ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଉପରେ ଆଲୋକପାତ କରିଥିଲେ।



ପଦଯାତ୍ରାରେ ସାମିଲ ନେତୃବୃନ୍ଦ।

# ହିନ୍ଦୁ ଧର୍ମ ସୁରକ୍ଷା ପାଇଁ ନିର୍ଭୀକ ଭାବେ କରୁଥିଲେ କାମ

## ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଜୀବନଦର୍ଶନ ଉପରେ ଆଲୋଚନାଚକ୍ର

**ସମ୍ବଲପୁର,୯।୧୦(ବ୍ୟୁରୋ)**

ସମ୍ବଲପୁର ଓଡ଼ିଶା ସାଂସ୍କୃତିକ ସମାଜ ଭବନ ପ୍ରେକ୍ଷାଳୟରେ ରବିବାର ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଜୀବନ ଦର୍ଶନ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ବିଦ୍ୟାଭାରତୀ ବିଦ୍ୱତ୍ ପରିଷଦ ପ୍ରାନ୍ତୀୟ ପ୍ରମୁଖ ବାଞ୍ଛାନିଧି ପଣ୍ଡା ଯୋଗ ଦେଇଥିଲେ। ସେ କହିଥିଲେ ଯେ, ସ୍ୱାମୀ ଲକ୍ଷ୍ମଣାନନ୍ଦ ହିନ୍ଦୁ ଧର୍ମର ସୁରକ୍ଷା ପାଇଁ ନିର୍ଭିକ ଭାବେ କାମ କରୁଥିଲେ। ଜଣେ ସନ୍ଥ ପାଇଁ ଯେଉଁସବୁ ଉପାଦାନ ଆବଶ୍ୟକ ତାଙ୍କ ପାଖରେ ଭରପୁର ରହିଥିଲା। ପ୍ରତିକୂଳ ପରିବେଶରେ ସେ କାମ କରୁଥିଲେ। କନ୍ଧମାଳ ଜିଲାରେ ଆଦିବାସୀମାନଙ୍କ ସାମାଜିକ, ଆର୍ଥିକ ଓ ସମାନତାର ଅଧିକାର ପାଇଁ ଲଢ଼େଇ କରୁଥିଲେ। ନିଜ ଜୀବନ ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରିଥିଲେ ଯାହାକି ଅତୁଳନୀୟ। ତାଙ୍କ ଅବଦାନ ଉକ୍ତ ଅଞ୍ଚଳରେ ଆଜି ଦେଖିବାକୁ ମିଳୁଛି। ଆଦିବାସୀମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିଛନ୍ତି ବୋଲି କହିଥିଲେ। ବିଶ୍ୱ ହିନ୍ଦୁ ପରିଷଦ ପଶ୍ଚିମ ପ୍ରାନ୍ତ ସଭାପତି ଡ. ରାଜ କୁମାର ବଡ଼ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସ୍ୱାମୀ ଲକ୍ଷ୍ମଣାନନ୍ଦ ନ୍ୟାସ ସମିତି ପକ୍ଷରୁ ଆୟୋଜିତ ଏହି ବକ୍ତୃତାମାଳାରେ ଅନ୍ୟମାନଙ୍କ ମଧ୍ୟରେ ଅରବିନ୍ଦ ନାଏକ, ଅନିଲ ବେହେରା, ସୁଧୀର ବହିଦାର, ପ୍ରଦୀପ ସୁପକାର, ନନ୍ଦକିଶୋର ମିଶ୍ର, ଗିରୀଶ ପଟେଲ, ମାସନ ବକ୍ସି, ମୁକେଶ ଜରିୱାଲ ପ୍ରମୁଖ ଉପସ୍ଥିତ ରହିଥିଲେ।



ଓଡ଼ିଶା ସାଂସ୍କୃତିକ ସମାଜ ଭବନ ସଭାକକ୍ଷରେ ଆୟୋଜିତ ଆଲୋଚନାଚକ୍ରରେ ଉପସ୍ଥିତ କର୍ମକର୍ତ୍ତା।

# ଜନ୍ ଉଇଲିୟମ ମିଞ୍ଜ ସ୍ମାରକୀ ବାସ୍କେଟବଲ ଟୁର୍ନାମେଣ୍ଟ

## କେନ୍ଦ୍ରାପଡ଼ା ଜିରୋ ଷ୍ଟ୍ରାଇକର ଚାମ୍ପିୟନ

**ସମ୍ବଲପୁର,୯।୧୦(ବ୍ୟୁରୋ)**

୧୪ତମ ଫାଦର ଜନ ଉଇଲିୟମ ମିଞ୍ଜ ସ୍ମାରକୀ ବାସ୍କେଟବଲ ଟୁର୍ନାମେଣ୍ଟ ରବିବାର ସମ୍ବଲପୁରସ୍ଥିତ ସେଣ୍ଟ ଜୋନ୍ସ ସ୍କୁଲ ପରିସରରେ ଉଦ୍‌ଯାପିତ ହୋଇଯାଇଛି। କେନ୍ଦ୍ରାପଡ଼ା ଜିରୋ ଷ୍ଟ୍ରାଇକର ଚାମ୍ପିୟାନ ଓ ଜୋସେଫାଇଟ ଜୋର୍ଡାନ ରନର୍ସ ଅପ୍ ଟ୍ରଫି ହାସଲ କରିଛି। ଫାଇନାଲ ମ୍ୟାଚରେ ଜିରୋ ଷ୍ଟ୍ରାଇକର ୮୪-୬୧ ପଏଣ୍ଟରେ ଜୋର୍ଡାନ ଦଳକୁ ପରାସ୍ତ କରିଥିଲା। ସେହିପରି ଝାରଖଣ୍ଡର ଚାଇବାସା ତୃତୀୟ ଓ ରାଞ୍ଚିର ବ୍ଲେକ ମାମ୍ବା ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ଅମ୍ପାୟାର ରାଜେନ୍ଦ୍ର କୁମାର ବେହେରା, ରଞ୍ଜିତ ନାୟକ, ଫିରୋଜ ବରୁଆ ଓ ଦେବବ୍ରତ ବିଶ୍ୱାଳ ମ୍ୟାଚ ପରିଚାଳନା କରିଥିଲେ। ଟେକନିକାଲ ଟେବୁଲରେ ରାଜେନ୍ଦ୍ର କୁମାର କୁଜୁର ଓ ଭାର୍ନାନ୍ସ ଡାଇବାରୁ ଦାୟିତ୍ୱ ତୁଲାଇଥିଲେ। ସେଣ୍ଟ ଜୋନ୍ସ ସ୍କୁଲ ଅଧ୍ୟକ୍ଷ ତଥା ଟୁର୍ନାମେଣ୍ଟ ପରିଚାଳନା କମିଟି ଆବାହକ ଫାଦର ଅନିଲ କୁଜୁରଙ୍କ ପରିଚାଳନାରେ ପୁରସ୍କାର ବିତରଣୀ ଉତ୍ସବ ହୋଇଥିଲା। ଉତ୍ତରାଞ୍ଚଳ ପୋଲିସ ଆଇଜି ଡ. ଦୀପକ କୁମାର ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଜୁଲିୟସ ଲାକ୍ରା, ଝେରମ କେର୍କେଟା ଓ ଉରସେଲା ମିଞ୍ଜ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଝାରଖଣ୍ଡର ମାଧୁ ଏସ ପୂର୍ତ୍ତିଙ୍କୁ ଶ୍ରେଷ୍ଠ ଖେଳାଳି ଓ କେନ୍ଦ୍ରାପଡ଼ାର ପ୍ରଶାନ୍ତଙ୍କୁ ଶ୍ରେଷ୍ଠ ସ୍କୋରର ଭାବେ ପୁରସ୍କୃତ କରାଯାଇଥିଲା। ଫାଦର ଦୀଲିପ ଡୁଙ୍ଗଡୁଙ୍ଗ, ଫାଦର ସଞ୍ଜୟ ମିଞ୍ଜ, ଫାଦର ଯୋସେଫ କୁଜୁର, ନେହେରୁ ଯୁବ କେନ୍ଦ୍ର ସମ୍ବଲପୁର ଜିଲା ଆବାହକ ମାରିଆନୁସ ବିଲୁଙ୍ଗ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମୋସେସ ଗୁରିଆ ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ସୁସ୍ମିତା ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।




ଚାମ୍ପିୟାନ କେନ୍ଦ୍ରାପଡ଼ାର ଜିରୋ ଷ୍ଟ୍ରାଇକର ଦଳ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

## ମା' ଗଜଲକ୍ଷ୍ମୀ ପୂଜା ଆରମ୍ଭ

ନର୍ଲା,(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକସ୍ଥିତ ବସଷ୍ଟାଣ୍ଡଠାରେ ବଣିକ ସଂଘ ପକ୍ଷରୁ ମା' ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। ପୂଜା ପାଇଁ ଶନିବାର ସନ୍ଧ୍ୟାରେ ପୂଜା କମିଟି ନେତୃତ୍ୱରେ ଶତାଧିକ ନରନାରୀମାନେ ଶାନ୍ଦୁଳନଦୀଠାରୁ କଳସରେ ପାଣି ନେଇ ଭଜନ କୀର୍ତ୍ତନ କରି ପୂଜା ମଣ୍ଡପଠାରେ ପହଞ୍ଚିଥିଲେ। ମା' ଗଜଲକ୍ଷ୍ମୀ ପୂଜା ରାତିନୀତି ଭାବରେ ୩ ଦିନଧରି ଚାଲୁ ରହିବ। ସନ୍ଧ୍ୟା ସମୟରେ ଭଜନ ସମାରୋହ ସହିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି। ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନ ଆୟୋଜନ କରାଯାଇଥିବା ବଣିକ ସଂଘ ସଭାପତି ଅଜୟ କୁମାର ପଣ୍ଡା ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଆପତ୍ତିଜନକ ଭିଡିଓ ଭାଇରାଲ କରି ଯୁବକ ଗିରଫ

ଦେବଗଡ଼,୯।୧୦(ଡି.ଏନ୍.ଏ.): ଦେବଗଡ଼ ସହରରେ ଥିବା ତରଙ୍ଗିଣୀ ଛାତ୍ରୀନିବାସରେ ରହି ଯୁକ୍ତ ତିନିରେ ପାଠ ପଢୁଥିବା ଜଣେ ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ ଅଭିଯୋଗରେ ବୌଦ୍ଧ ଜିଲା ପୁରୁଣାକଟକରୁ ଜଣେ ଯୁବକଙ୍କୁ ଗିରଫ କରିଛି ଦେବଗଡ଼ ଥାନା ପୋଲିସ। ଅଶ୍ଳୀଳ ଫଟୋ ବଦଳରେ ଯୁବତୀଙ୍କ ପରିବାର ଲୋକଙ୍କୁ ବ୍ଲାକମେଲିଙ୍ଗ କରୁଥିଲେ ଯୁବକ। ଗିରଫ ଯୁବକ ରିଆମାଳ ଥାନା ଅନ୍ତର୍ଗତ ଖଜୁରୀଦର୍ହ ଗ୍ରାମର ଜିତେନ ସାହୁ। ପୀଡିତା ଅନ୍ୟ ଜଣେ ବାନ୍ଧବୀଙ୍କ ସହ ପୁରୀ ବୁଲିବାକୁ ଯାଇଥିବାବେଳେ ପୂର୍ବ ଯୋଜନା ଅନୁଯାଇ ପୁରୀର ଏକ ହୋଟେଲରେ ରହିବା ସମୟରେ କୋଲଡ଼ ଡ୍ରିଂକ୍ସରେ ନିଶା ମିଶାଇ ଅଭିଯୁକ୍ତ ଜିତେନ ସହ ପୀଡିତାଙ୍କ ବାନ୍ଧବୀ ଦେବଗଡ଼ ଥାନା ଅନ୍ତର୍ଗତ ଚଟିବରଘାଟ ଅଞ୍ଚଳର ଜଣେ ଯୁବତୀ ଓ ତାଙ୍କ ପୁରୁଷ ବନ୍ଧୁ ଆପତ୍ତି ଜନକ ଭିଡିଓ ଉତ୍ତୋଳନ କରିଥିଲେ। ପୀଡିତାଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁକରି ତଦନ୍ତ କରିବା ସହ ୨୪ ଘଣ୍ଟା ମଧରେ ବୌଦ୍ଧ ଜିଲା ପୁରୁଣାକଟକରେ ଏକ ଘରୋଇ ଠିକା ସଂସ୍ଥାରେ ଜେସିବି ଡ୍ରାଇଭର ଭାବେ କାମ କରୁଥିବା ମୁଖ୍ୟ ଅଭିଯୁକ୍ତ ଜିତେନଙ୍କୁ ଗିରଫ କରିଛି ଦେବଗଡ଼ ଥାନା ପୋଲିସ। ତେବେ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ମଧ ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

### ଘରେ ପଶି ନାବାଳିକାଙ୍କୁ ଦୁର୍ବ୍ୟବହାର ଅଭିଯୋଗ
#### ଭାଜପା ନେତାଙ୍କ ସମ୍ପର୍କୀୟ ଗିରଫ

ସମ୍ବଲପୁର,୯।୧୦(ବ୍ୟୁରୋ): ସମ୍ବଲପୁର ଜିଲା ସଦର ଥାନା ଅନ୍ତର୍ଗତ ଧନକଉଡ଼ା ଅଞ୍ଚଳରେ ରହୁଥିବା ଜଣେ ବ୍ୟକ୍ତିଙ୍କ ଘରେ ପଶି ନାବାଳିକାଙ୍କୁ ଦୁର୍ବ୍ୟବହାର କରିବା ସହ ମାରପିଟ କରିବା ଅଭିଯୋଗରେ ଜଣେ ଭାଜପା ନେତାଙ୍କ ସମ୍ପର୍କୀୟ ଗିରଫ ହୋଇଛନ୍ତି। ପୋଲିସ ରବିବାର ତାଙ୍କୁ କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନା ମୁତାବକ, ନାବାଳିକା ମଧ ଜଣେ ଭାଜପା ନେତାଙ୍କ ସମ୍ପର୍କୀୟ ଅଟନ୍ତି। ଶନିବାର ନାବାଳିକାଙ୍କ ଘରେ କେହି ନ ଥିବାର ସୁଯୋଗ ନେଇ ସୁନାପାଲି ଅଞ୍ଚଳର ସମ୍ପୃକ୍ତ ଅଭିଯୁକ୍ତ ତାଙ୍କ ଘର ଭିତରକୁ ପଶିଥିଲେ। ସେ ନାବାଳିକାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ମାଡ ମାରିଥିଲେ। ଏହି ସମୟରେ ନାବାଳିକାଙ୍କ ସମ୍ପର୍କୀୟ ଘର ଭିତରକୁ ପଶି ଆସି ଉଦ୍ଧାର କରିଥିଲେ। ପ୍ରଥମେ ଧନୁପାଲି ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଉଠାଇ ଆଣି ଅଟକ ରଖିଥିଲା। ତଦନ୍ତ କରିବା ପରେ ସଦର ଥାନା ଅଧୀନରେ ଉକ୍ତ ଅଞ୍ଚଳ ଆସୁଥିବାରୁ ମାମଲା ହସ୍ତାନ୍ତର କରାଯାଇଥିଲା। ସଦର ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅପରପକ୍ଷରେ ମାମଲାକୁ ଚପାଇ ଦେବା ପାଇଁ ଦଳୀୟ ନେତାମାନେ ଚେଷ୍ଟା କରିଥିଲେ। ହେଲେ ସମ୍ବେଦନଶୀଳ ଘଟଣା ହୋଇଥିବା ଓ ପୀଡ଼ିତା ପରିବାର ରାଜି ନ ହେବାରୁ ସମାଧାନର ବାଟ ବାହାରି ନ ଥିଲା। ଅଭିଯୁକ୍ତ ରେଢ଼ାଖୋଲ ଅଞ୍ଚଳର ଜଣେ ଜଣାଶୁଣା ଭାଜପା ନେତାଙ୍କ ସମ୍ପର୍କୀୟ ବୋଲି ଜାଣିବାକୁ ମିଳିଛି। ଘଟଣାରେ ପୋଲିସର କାର୍ଯ୍ୟକଳାପ ମଧ ସନ୍ଦେହ ଘେରକୁ ଆସିଛି। ଏ ସମ୍ପର୍କରେ ସମ୍ବଲପୁର ଏସ୍‌ପି ବାତୁଲା ଗଙ୍ଗାଧର କହିଛନ୍ତି ଯେ, ଏହି ଘଟଣାରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଘରେ ପଶି ନାବାଳିକାଙ୍କୁ ମାରପିଟ ଓ ଅସଦାଚରଣ ହୋଇଥିବା ନେଇ ଅଭିଯୋଗ ହୋଇଥିଲା ବୋଲି କହିଥିଲେ।

### ବିଷାକ୍ତ ଛତୁ ଖାଇ ୧୩ ଅସୁସ୍ଥ

ଜୁନାଗଡ,୯।୧୦(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବୁଡିଦର ପଞ୍ଚାୟତ ଅନ୍ତର୍ଗତ ତେନ୍ତୁଳିପଦାରେ ବିଷାକ୍ତ ଛତୁ ଖାଇ ଗୋଟିଏ ପରିବାରର ୧୩ଜଣ ଅସୁସ୍ଥ ହୋଇଛନ୍ତି। ସମସ୍ତ ଆକ୍ରାନ୍ତ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଆକ୍ରାନ୍ତଙ୍କ ମଧରେ ୬ ଛୋଟ ଶିଶୁ ରହିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ଶନିବାର ରାତିରେ ଉକ୍ତ ପରିବାର ଲୋକେ ସ୍ଥାନୀୟ ବାଡିରେ ଥିବା ଏକ ବାଉଁଶ ଗଛର ବାଞ୍ଜି ଛତୁ ଖାଇଥିଲେ। ଏହାର କିଛି ସମୟ ପରେ ସମସ୍ତଙ୍କୁ ମୁଣ୍ଡ ବୁଲାଇବା ସହ ବାନ୍ତି ହୋଇଥିଲା। ଫଳରେ ରାତିରେ ଗୁରୁତର ଅବସ୍ଥାରେ ସ୍ଥାନୀୟ ଏକ ଗାଡି ଯୋଗେ ସମସ୍ତେ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଆକ୍ରାନ୍ତମାନେ ହେଲେ ତେନ୍ତୁଳିପଦାର ଦୀପାଲି ଶବର(୧୬), ଦିବ୍ୟା ଶବର (୨), କିପଲାସ ଶବର (୫), ଲଜିତା ଶବର (୨୪), ଗୁଣ ଶବର (୫), କୃଷ୍ଣ ଶବର (୧୪), ରୂପେଶ ଶବର (୧୦), ବୈଷ୍ଣବୀ ଶବର (୭), ତନ୍ୟା ଶବର(୫), କଳମଦେଈ ଶବର (୪୫), ପ୍ରମିଳା ଶବର (୨୪), ଦିଗାମୋହନ ଶବର(୨୪) ଓ କୋକିଲ ଶବର (୧୧) ବୋଲି ଜଣାପଡ଼ିଛି।

# ଦେଢ଼ ମାସ ବିତିଲା, କାର୍ଯ୍ୟାନୁଷ୍ଠାନ ନାହିଁ

ଲାଞ୍ଜିଗଡ,୯।୧୦(ଡି.ଏନ.ଏ.)


ବେନଗାଁ ପଞ୍ଚାୟତ କାର୍ଯ୍ୟାଳୟ।

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବେନଗାଁ ପଞ୍ଚାୟତରେ ଗତ ଅଗଷ୍ଟ ୧୮ ତାରିଖ ରାତି ୧୧ଟାରେ ପିଡିଏସ ଚାଉଳ ଚୋରାଚାଲାଣ ଘଟଣାର ଦେଢ଼ ମାସ ବିତିଯାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ତଦନ୍ତ ବାଟମାରଣା ହେଉଥିବା ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିବା ସହ ଦୋଷୀ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛନ୍ତି। ଗତ ଅଗଷ୍ଟ ୧୮ ତାରିଖ ରାତିରେ ଗ୍ରାମବାସୀ ଅଟୋ ସହିତ ୨୪ ପକେଟ ଚାଉଳ କାବୁ କରିଥିଲେ। ଏହାପରେ ଚାଉଳ ବୋଝେଇ ଅଟୋ ବେନଗାଁ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ପ୍ରତିବାଦ କରିଥିଲେ। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେବା ପର୍ଯ୍ୟନ୍ତ ଅଟୋ ଓ ଚାଉଳ ଛାଡ଼ିବୁ ନାହିଁ ପଞ୍ଚାୟତ ସମ୍ମୁଖରେ ପ୍ରତିବାଦ କରିବୁ ବୋଲି ପ୍ରକାଶ କରିଥିଲେ ଗ୍ରାମବାସୀ। ଅଭିଯୋଗ ଅନୁସାରେ ବ୍ଲକ ଯୋଗାଣ ଅଧିକାରୀ ହରିହର ସାହୁ ଅଗଷ୍ଟ ୧୯ ତାରିଖରେ ଘଟଣାସ୍ଥଳ ଯାଇ ତଦନ୍ତ କରିଥିଲେ। ଘଟଣାର ୬ ଦିନ ପରେ ବିଡିଓ ଜିତେନ୍ଦ୍ର କୁମାର ମିଶ୍ର ବେନଗାଁ ପଞ୍ଚାୟତକୁ ଯାଇ ତଦନ୍ତ କରିଥିଲେ। ପୁଣିଥରେ ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଧୂମାରାମ ମୁର୍ମୁ, ଏବିଡିଓ ବିଭୁତିଭୂଷଣ ଶତପଥି, ବ୍ଲକ ଯୋଗାଣ ଅଧିକାରୀ ହରିହର ସାହୁ ପ୍ରମୁଖ ତଦନ୍ତ ଆରମ୍ଭ କରିଥିଲେ। ଏ ନେଇ ବ୍ଲକ ଯୋଗାଣ ଅଧିକାରୀ ସାହୁଙ୍କୁ ପଚାରିବାରୁ ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁସାରେ ତଦନ୍ତ ଜାରି ରହିଛି, ସତ୍ୟତା ଯଦି ସାମ୍ନାକୁ

**ରାତିରେ ପିଡିଏସ ଚାଉଳ ଚୋରା ଚାଲାଣ ଘଟଣା**

ଆସେ ତାହାହେଲେ ଦୋଷୀଙ୍କ ବିରୋଧ କୋଠର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ଜବତ ଚାଉଳ ଲାଖବାହିଲି ଯୋଗାଣ ସହାୟକଙ୍କୁ ହସ୍ତାନ୍ତର କରାଯାଇ ଥିବା ବେଳେ ଅଟୋ ବିଜେପୁର ଥାନାଧିକାରୀଙ୍କୁ ହସ୍ତାନ୍ତର କରାଯାଇଥିଲା। ଚାଉଳ ଚୋରା ଚାଲାଣ କରାଯାଇଥିବାକୁ ନେଇ ସତ୍ୟତା ସାମ୍ନାକୁ ଆସିଥିଲା। କିନ୍ତୁ ସତ୍ୟତା ସାମ୍ନାକୁ ଆସି ଦେଢ଼ ମାସ ବିତିଗଲାଣି ହେଲେ ଏବେ ଯାଏଁ ଦୋଷୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଦୁର୍ଗମ ଅଞ୍ଚଳବାସୀଙ୍କ ସରଳ ମନୋଭାବ ଯୋଗୁ ବ୍ଲକ ଓ ଜିଲା ପ୍ରଶାସନ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ନେଇ ନିରବଦ୍ରଷ୍ଟା ସାଜିଛନ୍ତି।

# କ୍ରିକେଟ ଟୁର୍ନାମେଣ୍ଟ: ସରଗୁଲ ଚାମ୍ପିୟନ

କର୍ଲାମୁଣ୍ଡା,୯।୧୦(ଡି.ଏନ.ଏ.)


ଖେଳାଳିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ନଗଦ ରାଶି ଓ ଟ୍ରଫି ଦିଆଯାଉଛି।

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ବିନ୍ଧାଣୀ ଆରଏସ କମିଟି ପକ୍ଷରୁ ରବିବାର ୬ ଓଭର ବିଶିଷ୍ଟ ଏକ ଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଞ୍ଚଳର ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ତେରେସିଙ୍ଗା ଓ ରିଷିଡା ଦଳ ପ୍ରାରମ୍ଭିକ ମ୍ୟାଚ ଖେଳିଥିଲେ। ଭାଲୁପିଆ ଓ ସରଗୁଲ ଦଳ ମଧରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ସରଗୁଲ ଦଳ ଚାମ୍ପିୟନ ହୋଇଥିଲା। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ତେରେସିଙ୍ଗା ପଞ୍ଚାୟତ ସରପଞ୍ଚ ପ୍ରମୋଦ ସୁନା, ସମ୍ମାନିତ ଅତିଥି ଭାବେ ଗାଲ୍ଭିକ, ଅଭିନେତା ତଥା କ୍ଷୁଦ୍ର ଚଳଚ୍ଚିତ୍ର ନିର୍ଦ୍ଦେଶକ ସଞ୍ଜୀବ କୁମାର ନାଗ ଏବଂ ବିନ୍ଧାଣି କ୍ରିକେଟ ଦଳର ପୂର୍ବତନ ଖେଳାଳି ଚରଣ ବାଗ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଦଳକୁ ନଗଦ ରାଶି ପ୍ରଦାନ କରିଥିଲେ। ସରଗୁଲ ଦଳର ହିରୋ ଜାନୀ ଫାଇନାଲ ମ୍ୟାଚର ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ।

# ବିଭିନ୍ନ ସ୍ଥାନରେ ମା' ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା

କୁତ୍ରା,୯।୧୦(ଡି.ଏନ.ଏ.)


ମା' ଗଜଲକ୍ଷ୍ମୀଙ୍କ ପୂଜା ଚାଲିଛି।

ଦୀର୍ଘ ଦୁଇ ବର୍ଷ ପରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଧୁମଧାମ୍‌ରେ ପାଳନ କରାଯାଉଛି। କରୋନା କଟକଣା ପାଇଁ ଏହା ବନ୍ଦ ରହିଥିଲା। ରବିବାର କୁମାର ପୂର୍ଣ୍ଣିମା ଉପଲକ୍ଷେ ବିଭିନ୍ନ ପୂଜାମଣ୍ଡପରେ ମା' ଗଜଲକ୍ଷ୍ମୀ ବଡ଼ ଆଡ଼ମ୍ବର ସହିତ ପୂଜା ପାଉଛନ୍ତି। ବିଭିନ୍ନ ସ୍ଥାନରେ ଏହାକୁ ଜହିଁ ଓଷା ମଧ କହିଥାନ୍ତି। ଆଜିର ଦିନରେ କୁଆଁରୀ ଝିଅମାନେ ନୂତନ ବସ୍ତ୍ର ପରିଧାନ କରି ଚନ୍ଦ୍ର ପୂଜା ସାଙ୍ଗକୁ ଜହିଁ ଓଷାର ପର୍ବ ବେଶ ଧୁମଧାମ୍‌ରେ ପାଳନ କରିଥାଆନ୍ତି। ସୁନ୍ଦରଗଡ଼ ଜିଲା କୁତ୍ରା ପୂଜା ମଣ୍ଡପରେ ମା' ଗଜଲକ୍ଷ୍ମୀଙ୍କର ବଡ଼ ଧୁମଧାମ୍‌ରେ ପୂଜାର୍ଚ୍ଚନା ଚାଲିଛି। ଏହା ସହିତ ବିଭିନ୍ନ ପୂଜା ମଣ୍ଡପ କିରିଙ୍ଗସେରା, କଟଙ୍ଗ, ନୂଆଗାଁ, ତୁନମୁରା, ବୁଡ଼ାକଟା, ଗଙ୍ଗାଜଳ ଇତ୍ୟାଦି ସ୍ଥାନରେ ଧୁମଧାମ୍‌ର ସହିତ ପୂଜାର୍ଚ୍ଚନା ଚାଲିଛି। କୁତ୍ରା ପୂଜା କମିଟିର ସଭାପତି ଶଙ୍କର ପ୍ରସାଦ ଟପ୍ପୋ, ସମ୍ପାଦକ ପ୍ରଶାନ୍ତ ସାହୁ, କୋଷାଧ୍ୟକ୍ଷ ଶିବପ୍ରସାଦ ବେହେରା, ଦେବାଶିଷ ସାହୁ, ବଜରଙ୍ଗ କେଶରୀ, ବୁଟୁ ଦାସ, ହୀରାଲାଲ ଟପ୍ପୋ, ମହେନ୍ଦ୍ର ଦାସ ପ୍ରମୁଖ ପୂଜାରେ ସହଯୋଗ କରୁଛନ୍ତି। ପୂଜକ ଭାବରେ ରବୀନ୍ଦ୍ର କୁମାର ପଣ୍ଡା ଦାୟିତ୍ୱ ତୁଲାଉଛନ୍ତି।

# ଉଲ୍ଲାସ ସହ ଇଦ୍‌-ମିଲାଦୁନ୍ନବୀ ପାଳିତ

ସୁନ୍ଦରଗଡ, ୯।୧୦(ଡି.ଏନ୍.ଏ.)

ସୁନ୍ଦରଗଡରେ ଇସଲାମ ଧର୍ମର ଶେଷ ପୈଗମ୍ବର ହଜରତ୍ ମହମ୍ମଦ୍‌ଙ୍କ ଜନ୍ମଦିବସ ଇଦ୍ ମିଲାଦୁନ୍ ନବୀ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ରିଜେଂଟ ମାର୍କେଟ ନିକଟସ୍ଥ ସଦର ମସ୍‌ଜିଦ ସମ୍ମୁଖରୁ ଏକ ଶୋଭାଯାତ୍ରା ବାହାର କରା ଯାଇଥିଲା। ଏହି ଶୋଭାଯାତ୍ରାରେ ଇସଲାମ ଧର୍ମକୁ ପ୍ରତିଫଳିତ କରୁଥିବା ବିଭିନ୍ନ କଳାକୃତୀ ପ୍ରଦର୍ଶନ କରା ଯିବା ସହ ହଜରମ ମହମ୍ମଦଙ୍କ ଜୀବନୀ ଏବଂ ତାଙ୍କ ବାର୍ତ୍ତା ବହନ କରୁଥିବା ବ୍ୟାନର ଓ ପୋଷ୍ଟର ପ୍ରଦର୍ଶିତ କରାଯାଇଥିଲା। ସମ୍ମିଳିତ ହୋଇଥିବା ଯୁବକ ଏବଂ ପିଲାମାନେ ଇସଲାମ ଧର୍ମର ବିଭିନ୍ନ ନୀତିକୁ ନେଇ ସ୍ଲୋଗାନ ଦେଇଥିଲେ। ହଜ୍‌ରତ ମହମ୍ମଦଙ୍କ ଯଶଗୀତ ବା ନାତ ଶରିଫ ପାଠ କରିଥିଲେ। ଏହି ଶୋଭାଯାତ୍ରାକୁ ସହରର ବିଭିନ୍ନ ସ୍ଥାନରେ ଅଣ-ମୁସଲିମ ଗୋଷ୍ଠୀ ଏବଂ ଜନସାଧାରଣ ପକ୍ଷରୁ ସ୍ୱାଗତ କରା ଯିବା ସହ ସାମିଲ ହୋଇଥିବା ଛୋଟ ଛୋଟ ପିଲାମାନଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ସେହିପରି ଡେଙ୍ଗିଭାଡି ସ୍ଥିତ ମଦୀନା ମସଜିଦ ସମ୍ମୁଖରୁ ମଧ୍ୟ ଏକ ଶୋଭାଯାତ୍ରା ବାହାର କରାଯାଇଥିଲା। କଲେଜ ରୋଡ, ବ୍ରାହ୍ମଣପଡା ଏବଂ ଶଙ୍କରାରୁ ମଧ୍ୟ ଅନୁରୂପ ଶୋଭାଯାତ୍ରା ବାହାର କରାଯାଇଥିଲା। ସ୍ଥାନୀୟ ଭବାନୀ ଭବନ ଛକରେ ସମସ୍ତ ଶୋଭାଯାତ୍ରା ଏକତ୍ରିତ ହୋଇ ସହର ପରିକ୍ରମା କରିଥିଲେ। ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଳୁମାନେ ଲଙ୍ଗର ବଣ୍ଟନ କରିଥିଲେ। ଏହି ଅବସରରେ ରିଜେଂଟ ମାର୍କେଟ ଏବଂ ଡେଙ୍ଗିଭାଡିସ୍ଥିତ ମଦରସାର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ଆୟୋଜିତ ଏକ ସଭାରେ ସେମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସମସ୍ତ ସମାରୋହ ପାଳନରେ ସଦର ମସଜିଦ କମିଟି ସଭାପତି ହାଜି ଅବଦୁଲ ସଇଦ, ସମ୍ପାଦକ ମହମ୍ମଦ ଦିଲଦାର ସମେତ ଏମଡି ଅଜୀମ, ଗୁଲାମ ମୁସ୍ତଫା, ଏମଡି ତୌଫିକ୍, ଇମତିୟାଜ ଅଲ୍ଲୀ ପ୍ରମୁଖ ସକ୍ରିୟ ଅଂଶଦାନ କରିଥିଲେ। ଏହ ସହ ବିଭିନ୍ନ ଗ୍ରାମାଞ୍ଚଳରେ ମଧ୍ୟ ଇଦ୍ ମିଲାଦୁନ ନବୀ ପାଳନ କରାଯାଇଥିଲା।

# ସମଲେଇଙ୍କ ଛତର ଯାତ୍ରା


ଶ୍ରଦ୍ଧାଳୁଙ୍କ ଗହଣରେ ବରୁଆମାନେ ଗ୍ରାମ ପରିକ୍ରମା କରୁଛନ୍ତି।

ଲୋଇସିଂହା,୯।୧୦(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ଡେଲିମାର୍କେଟସ୍ଥିତ ମା' ସମଲେଇଙ୍କ ଛତର ଯାତ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ପୀଠପୂଜା, ମଙ୍ଗଳଆଳତି ଏବଂ ଯଜ୍ଞକୁଣ୍ଡ ଦର୍ଶନ ନୀତି ସମାପନ ହୋଇଥିଲା। ମଧ୍ୟାହ୍ନରେ ଧୂପ ଓ ମନ୍ଦିର ପରିକ୍ରମା ନୀତି କରାଯାଇଥିଲା। ଅପରାହ୍ନରେ ଡିଲ ବିଜେ ଏବଂ ସମଲେଇଙ୍କ ନଗର ପରିକ୍ରାମ ରହିଥିଲା। ପୀଠରୁ ବରୁଆମାନେ ଛତର ବଇରଗ ଧରି ଘଣ୍ଟ, ଶଙ୍ଖଧ୍ୱନି ଓ ପଞ୍ଚବାଦ୍ୟ ତାଳେତାଳେ ଛତର ଧରି ଶ୍ରଦ୍ଧାଳୁଙ୍କ ଗହଣରେ ନଗର ପରିକ୍ରମା କରିଥିଲେ। ଏହି ଅବସରରେ ଗ୍ରାମର ପ୍ରତ୍ୟେକ ଲୋକେ ମା'ଙ୍କ ପଦଧୌତ କରି ଆର୍ଶୀବାଦ ନେଇଥିଲେ। ଶନିବାର ସକାଳେ କଳସ ଯାତ୍ରା, ନିଶିପୂଜା ଓ ବରୁଆ ଉଭା ନୀତି ଅନୁଷ୍ଠିତ ହୋଇଥିଲା। ସୋମବାର ସକାଳ ୯ଟାରେ ବଳିଯାତ୍ରା ରହିଥିବା ପୂଜା କମିଟି ସୂତ୍ରରୁ ପ୍ରକାଶ।

# କଦେଲପିଟା ପୀଠରେ ମା' ରାମଚଣ୍ଡୀଙ୍କ ପୂଜାର୍ଚ୍ଚନା


ମା'ଙ୍କ ପୂଜାରେ ଉପସ୍ଥିତ ଥିବା ଶ୍ରଦ୍ଧାଳୁମାନେ।

ଝାରସୁଗୁଡା ଅଫିସ୍,୯।୧୦

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ଅନ୍ତର୍ଗତ କଦେଲପିଟା ପୀଠରେ ଦଶହରା ପୂର୍ଣ୍ଣିମା ତିଥିରେ ମା' ରଣେଶ୍ୱର ରାମଚଣ୍ଡୀଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗତ ଶନିବାର କଳସଯାତ୍ରା ସହ ମନ୍ଦିରରେ ଘଟ ସ୍ଥାପନ ପୂର୍ବକ ଚଣ୍ଡୀପାଠ ଆରମ୍ଭ ହୋଇଥିଲା। ରବିବାର ପୂର୍ବାହ୍ନରେ ମା'ଙ୍କ ଚଣ୍ଡୀପାଠ, ସ୍ତୁତି, ହୋମ, ପୂର୍ଣ୍ଣାହୁତି ଆଦିକରି ସମାରୋହରେ ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ମୁଖ୍ୟକର୍ତ୍ତାଭାବେ ନିରାକାର ବଡେଇ ତାଙ୍କ ସ୍ତ୍ରୀ ଜ୍ୟୋତ୍ସ୍ନାମୟୀ ବଡେଇ, ସହକର୍ତ୍ତାଭାବେ ଖଗେଶ୍ୱର ପ୍ରଧାନ ତାଙ୍କ ସ୍ତ୍ରୀ ଜୟନ୍ତୀ ପ୍ରଧାନ, ଗୋପାଳ ବିଶି ସ୍ତ୍ରୀ ଶଦ୍ୟା ବିଶି, ବିକ୍ରମ ବିଶ୍ୱାଳ ସ୍ତ୍ରୀ ସୌଦାମିନୀ ବିଶ୍ୱାଳ, ଶୋଭାରାମ ସାହୁ ସ୍ତ୍ରୀ କସ୍ତୁରୀ ସାହୁ, କିଶୋର ସାହୁ ସ୍ତ୍ରୀ ଲଳିତା ସାହୁ, ନିତ୍ୟାନନ୍ଦ ପ୍ରଧାନ ସ୍ତ୍ରୀ ଚମ୍ପାବତୀ ପ୍ରଧାନ, ରାଧେଶ୍ୟାମ ବଡେଇ ସ୍ତ୍ରୀ ଜ୍ୟୋତ୍ସ୍ନା ବଡେଇ ପ୍ରମୁଖ କର୍ତ୍ତାଭାବେ ଦାୟୀତ୍ୱ ତୁଲାଇଥିଲେ। ଏଥିରେ ପୂଜକଭାବେ ସୁଧିର ଦାସ ଓ ସୁଧିର ମହାପାତ୍ର ପୂଜା କାର୍ଯ୍ୟ ତୁଲାଇଥିଲେ। ଏହି ପୂଜାରେ ଜିଲା କୁଲତା ସମାଜ ଜିଲା ସଭାପତି ସନ୍ତୋଷ ସାହୁ, ସମ୍ପାଦକ ଲଲାଟ ବିଶ୍ୱାଳ, ସ୍ଥାନୀୟ ପୀଠ ସଭାପତି ନରେନ୍ଦ୍ର ପ୍ରଧାନ, ସମ୍ପାଦକ ଡିଲେଶ୍ୱର ପ୍ରଧାନ, ମନ୍ଦିର ପୂଜକ ଲକ୍ଷପତି ପ୍ରଧାନ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ପୂଜାକାର୍ଯ୍ୟ ସମାପନ ହୋଇଥିଲା।

# ମହମ୍ମଦଙ୍କ ଜନ୍ମବାର୍ଷିକୀ ପାଳିତ

ବଡ଼ଗାଁ, ୯।୧୦(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁରେ ରବିବାର ପ୍ରଫିଟ ମହମ୍ମଦଙ୍କ ଜନ୍ମ ବାର୍ଷିକୀ ଇଦ ମିଲାଦୁନ ନବି ଶାନ୍ତି ଶୃଙ୍ଖଳାରେ ପାଳିତ ହୋଇଯାଇଛି। ପୂର୍ବାହ୍ନ ୯ ଟାରେ ମସଜିଦରେ ଇସଲାମ ଧର୍ମାବଲମ୍ବୀମାନେ ସମବେତ ହେଲାପରେ ପ୍ରାୟ ଦେଢ଼ ଶହ ବ୍ୟକ୍ତି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ମସଜିଦ କମିଟିର ସଭାପତି ମହମ୍ମଦ ହାଫିଜ, ଉପ ସଭାପତି ସମସେର ଆଲମ, ସମ୍ପାଦକ ମୁମତାଜ ଖାନଙ୍କ ନେତୃତ୍ୱରେ ଶୋଭାଯାତ୍ରା ମସଜିଦରେ ପହଞ୍ଚିଲା ପରେ ସମୂହ ପ୍ରାର୍ଥନା ଓ ଆଶୀର୍ବାଦ ଭିକ୍ଷା କରିଥିଲେ। ଇମାମ ରାଜା ହୁସେନ, ଆବୁ ମହମ୍ମଦ, ଜ୍ୟାଉଲ ହକ, ମହମ୍ମଦ ଫାରୁକ, ମହମ୍ମଦ ସମଦ ପ୍ରମୁଖଙ୍କ ଉପସ୍ଥିତିରେ ବିଭିନ୍ନ କାର୍ଯ୍ୟ ପରିଚାଳିତ ହୋଇଥିଲା।

# ଗୋପବନ୍ଧୁ ଓଡ଼ିଆ ଜାତିର ସ୍ୱାଭିମାନ

ନାକଟିଦେଉଳ,୯।୧୦(ଡି.ଏନ.ଏ.)

ନାକଟିଦେଉଳ ବ୍ଲକ ଅନ୍ତର୍ଗତ ବଳମ ଗ୍ରା.ପ.ର ଉପରମୁଣ୍ଡା ମାହେଶ୍ୱରୀ ଯୁବକ ସଂଘର ବାର୍ଷିକ ଉତ୍ସବ ତଥା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜୟନ୍ତୀ ସମାରୋହରେ ସଂଘର ସଭାପତି ହରେନ କୁମାର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସ୍ୱରୁପାରାଣୀ ସାହୁ, ମୁଖ୍ୟବକ୍ତା ନାକଟିଦେଉଳ କଲେଜର ପୂର୍ବତନ ଅଧ୍ୟକ୍ଷ ଡ.ଉଦୟନାଥ ଗଡ଼ନାୟକ, ସମ୍ମାନିତ ଅତିଥି ଭାବେ ନାକଟିଦେଉଳ ବ୍ଲକ ଯୁବ ବିଜେଡ଼ି ସଭାପତି ଦୀରେନ କୁମାର ସାହୁ, ବଳମ ସରପଞ୍ଚ ଅନୁପମା ଗଡ଼ନାୟକ ଯୋଗଦେଇ ଗୋପବନ୍ଧୁଙ୍କ ତ୍ୟାଗପୂତ ଜୀବନ, ନୀତି ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ଅନ୍ୟପକ୍ଷରେ ଗୋପବନ୍ଧୁ ଥିଲେ ଓଡ଼ିଆ ଜାତିର ସ୍ୱାଭିମାନ। ସେ ସର୍ବଦା ନାରୀ ଶିକ୍ଷାକୁ ଅଗ୍ରାଧିକାର ଦେଇ ଆସୁଥିବା ବେଳେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା ବୋଲି ଅତିଥିମାନେ କହିଥିଲେ। ପ୍ରାରମ୍ଭରେ ଅତିଥିମାନେ ଯୁବକ ସଂଘ ପରିସରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସଂଘର ସଂପାଦକ ବିଜୟ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନିଗମାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଜୟନ୍ତୀ ସମାରୋହରେ ଯୋଗ ଦେଇଥିବା ଅତିଥି।

# ରାଜଗାଙ୍ଗପୁରରେ ମହାପୁରୁଷ ମହମ୍ମଦ ଜୟନ୍ତୀ


ମହମ୍ମଦ ଜୟନ୍ତୀରେ ଉପସ୍ଥିତ ଅତିଥି।

ରାଜଗାଙ୍ଗପୁର ୯।୧୦ (ଡି.ଏନ.ଏ.)

ରାଜଗାଙ୍ଗପୁର ସହରରେ ରବିବାର ମୁସଲମାନ ସଂପ୍ରଦାୟର ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଉତ୍ସବ ପାଳନ ହୋଇଯାଇଛି। ଏହି ଅବସରରେ ରାଜଗାଙ୍ଗପୁର ମୁସଲିମ ପଞ୍ଚାୟତ ଦ୍ୱାରା ସୁନି ଜାମାମହଜିତରୁ ଏକ ଶୋଭାଯାତ୍ରା ବାହାରି ସହରର କେତେକ ସ୍ଥାନ ଦେଇ ରାଜଗାଙ୍ଗପୁର ଫୁଟବଲ ଖେଳ ପଡିଆରେ ପହଞ୍ଚି ଥିଲା। ଖେଳ ପଡ଼ିଆଠାରେ ମୌଲାନାମାନେ ମହାପୁରୁଷ ମହମ୍ମଦଙ୍କ ଉପରେ ପ୍ରବଚନ ରଖିଥିଲେ। ଏହା ପରେ ଆମନ୍ତ୍ରିତ ଅତିଥି ଯଥା ରାଜଗାଙ୍ଗପୁର ଥାନା ଅଧିକାରୀ ବିଭସ ପ୍ରଧାନ, ରାଜଗାଙ୍ଗପୁର ଏସଡିପିଓ ଅଭିଷେକ ପାଣିଗ୍ରାହୀ, ପୌରାଧ୍ୟକ୍ଷା ମାଧୁରୀ ଲୁଗୁନ, ଉପନଗରପାଳ ମହମ୍ମଦ ଇରଫାନ, ମୁସଲିମ ପଞ୍ଚାୟତ କାର୍ଯ୍ୟକାରୀ ସଭାପତି ସୋଏବ ଆଲମ, କୁଲଦିପ ସିଂ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶେଷରେ ପୂର୍ବତନ ଉପନଗରପାଳ ପାକା ବାବୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାଗବତ ମହୋତ୍ସବ ଉଦ୍‌ଯାପିତ

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଗତ ୬ ତାରିଖରୁ ଚାଲିଥିବା ଭଗବତ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ପୁରୁଷୋତ୍ତମ ଦାସଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଭଗବତ ମହୋତ୍ସବରେ ବ୍ୟାସ ମହେନ୍ଦ୍ର ମିଶ୍ର ଗୀତା ପାରାୟଣ କରିଥିଲେ । ପ୍ରବକ୍ତା ଅଇଁଠୁ ସାହୁ, ମନରଞ୍ଜନ ବାଗ, ମାନଭଞ୍ଜନ ଦାସ, ଗିରଧାରୀ ମିଶ୍ର, ଇପସିତ ମିଶ୍ର ପ୍ରତ୍ୟେକ ସନ୍ଧ୍ୟାରେ ଭାଗବତ ଆଲୋଚନା କରିଥିଲେ। ଟିଭି ପ୍ରବକ୍ତା ରବୀନ୍ଦ୍ର ପଣ୍ଡା ସମାଜ ସେବା ଉପରେ ଗୀତା ମାଧ୍ୟମରେ ବୁଝାଇଥିଲେ ।



## ସଂକ୍ଷେପରେ

### ଗଛରେ ପିଟି ହେଲା ତେଲ ବୋଝେଇ ଟ୍ୟାଙ୍କର



ଗଛରେ ପିଟି ହୋଇ ଯାଇଥିବା ଟ୍ରକ ।

**ଦେଓଗାଁ,୯।୧୦(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ କଲେଜ ଛକ ନିକଟରେ ରବିବାର ସକାଳେ ଏକ ତେଲ ବୋଝେଇ ଟ୍ୟାଙ୍କର ଦୁର୍ଘଟଣାଗ୍ରସ୍ତ ହୋଇଛି। ଅନ୍ୟ ଏକ ଟ୍ରକକୁ ଓଭରଟେକ କରିବା ସମୟରେ ଭାରସାମ୍ୟ ହରାଇ ଟ୍ୟାଙ୍କର ରାସ୍ତାପାର୍ଶ୍ୱ ଗଛରେ ପିଟି ହୋଇଯାଇଛି। ଟ୍ୟାଙ୍କର ଡ୍ରାଇଭର ଆହତ ହୋଇଛନ୍ତି। ଦେଓଗାଁ ପୋଲିସ ଦୁର୍ଘଟଣାଗ୍ରସ୍ତ ଟ୍ୟାଙ୍କରକୁ ଜବତ କରିଛି ।

### ମାଲପଡା ନାଗରିକ କମିଟି ସାଧାରଣ ପରିଷଦ ବୈଠକ

**ବଲାଙ୍ଗୀର ଅଫିସ,୯।୧୦:** ବଲାଙ୍ଗୀର ସହର ମାଲପଡା ନାଗରିକ କମିଟି ସାଧାରଣ ପରିଷଦ ବୈଠକ ସଭାପତି ଯୁଧିଷ୍ଠିର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ମାଲପଡାର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା। ମାଲପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦୁଇଟି ଶ୍ରେଣୀଗୃହ ଭାଙ୍ଗି ପଡିଥିବାରୁ ଛାତ୍ରମାନେ ପାଠ ପଢିବାରେ ଅସୁବିଧା ସୃଷ୍ଟି ହେଉଛି। ତେଣୁ ସେଠାରେ ଏକ ନୂତନ ଶ୍ରେଣୀଗୃହ ନିର୍ମାଣ କରିବା ପାଇଁ ଶିକ୍ଷା ବିଭାଗ ଡିଇଓ, ବିଇଓ ଏବଂ ଡିପିସିଙ୍କୁ ପତ୍ରାଳାପ କରି ସାକ୍ଷାତ କରାଯିବାକୁ ସ୍ଥିର କରାଯାଇଥିଲା। ମାଲପଡାର ନାଳନର୍ଦ୍ଦମା ସଫେଇ ହେଉ ନ ଥିବାରୁ ମଶା ପ୍ରାଦୁର୍ଭାବ ବଢିଯାଇଛି। ତେଣୁ ନାଳ ନର୍ଦ୍ଦମାରେ ମଶା ତେଲ ପକାଇବାକୁ ପୌରପାଳିକାଙ୍କୁ ଅବଗତ କରାଯିବାକୁ ସ୍ଥିର କରା ଯାଇଥିଲା । ଟିକ୍ରାପଡା ସ୍କୁଲର ପ୍ରହରୀ ଛକଠାରୁ ଏଫ୍‌ସିଆଇ ଗୋଦାମ ନାଳ ପର୍ଯ୍ୟନ୍ତ ରାସ୍ତାକୁ ସଂଯୋଗୀକରଣ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ମାଲପଡାରେ ଥିବା ଭୁଜା ମିଲଗୁଡିକ ଲୋକଙ୍କଠାରୁ ଜିଏସ୍‌ଟି ନାଁରେ ଉଚ୍ଚମୂଲ୍ୟ ନେଇ ଠକେଇ କରୁଥିବାରୁ ସିଟିଓଙ୍କୁ ସାକ୍ଷାତ୍ କରିବାକୁ ସ୍ଥିର କରା ଯାଇଥିଲା। ଉପଦେଷ୍ଟା ପ୍ରଫେସର ତରୁଣ କୁମାର ମିଶ୍ର, ଉପସଭାପତି ଗୋପବନ୍ଧୁ ପୁରୋହିତ, ସମ୍ପାଦକ ପଞ୍ଚାନନ ସେଠ, ବାସୁଦେବ ନାଗ, ଆକୁଳ ବେହେରା, ଦିବାକର ହୋତା, ସହସମ୍ପାଦକ ଶ୍ୟାମ ସୁନ୍ଦର ଆଚାର୍ଯ୍ୟ, ଦୟାସାଗର ବଗର୍ତ୍ତି, ସତ୍ୟଜିତ ଯୋଷୀ ଆଲୋଚନାରେ ଭାଗ ନେଇଥିଲେ ।

# ବ୍ୟବସାୟରେ ଈର୍ଷାନ୍ୱିତରୁ ଚୋରି

## ସାଇକେଲ ଦୋକାନରୁ ଚୋରି ଘଟଣା

■ଚୋରି ସାମଗ୍ରୀ ଉଦ୍ଧାର, କ୍ରେତାଙ୍କ ସହ ୪ଗିରଫ

**ସଇଁତଳା,୯।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଳା ଥାନା ଅନ୍ତର୍ଗତ ଧରବଗଡ଼ ଗ୍ରାମର ଲାଲୁ ଦାଣ୍ଡିଆଙ୍କ ସାଇକେଲ ଦୋକାନରୁ ଅକ୍ଟୋବର ୬ତାରିଖରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଥିଲା। ଏହି ଘଟଣାରେ ପୋଲିସ ଚୋରି ସାମଗ୍ରୀ ଉଦ୍ଧାର କରିବା ସହ ୪ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଧରବଗଡ଼ ଗ୍ରାମରେ ବାଞ୍ଛା ବଗର୍ତ୍ତି, ମାନ ଓରଫ ମନବୋଧ ସେଲମା, ସ୍ୱାଧୀନପଡ଼ାର ସମ୍ବାରୁ କଟା। ଚୋରି ସାମଗ୍ରୀ କ୍ରୟ କରିବା ଅଭିଯୋଗରେ ଟିଟିଲାଗଡ ଥାନା ଅଧୀନ ରେଗଡୋଲର ପରମାନନ୍ଦ ପୋଢ଼ଙ୍କୁ ବାନ୍ଧିଛି ପୋଲିସ। ଲାଲୁଙ୍କ ବ୍ୟବସାୟରେ ଇର୍ଷାନ୍ୱିତ ହୋଇ ଅନ୍ୟତମ ବ୍ୟବସାୟୀ ବାଞ୍ଛା ବଗର୍ତ୍ତି ତାଙ୍କ ଦୋକାନରୁ ଚୋରି କରାଇଥିଲେ।



ଗିରଫ ଚାରିଜଣଙ୍କୁ ଖବରଦାତା ସମ୍ମିଳନୀରେ ପୋଲିସ ହାଜର କରିଛି ।

ଚୋରି ସାମଗ୍ରୀ ଉଦ୍ଧାର କରାଯାଇଛି। ଏଥିସହିତ ଚୋରିରେ ବ୍ୟବହୃତ ଗୋଟିଏ କର୍ଟର ମେଶିନ, ପିକ୍‌ଅପ ଭ୍ୟାନ ଓ ୪ଟି ମୋବାଇଲ ଫୋନ ଜବତ ହୋଇଛି। ରବିବାର ସଇଁତଳା ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ବିଷୟରେ ସୂଚନା ଦେଇଛନ୍ତି ଟିଟିଲାଗଡ଼ ଏସ୍‌ଡ଼ିପିଓ ଅଙ୍କିତା କୁମ୍ଭାର।

ଏସ୍‌ଡ଼ିପିଓ କୁମ୍ଭାରଙ୍କ ସୂଚନାମତେ ଧରବଗଡ଼ ଗ୍ରାମରେ ବାଞ୍ଛା ବଗର୍ତ୍ତିଙ୍କ ଏକ ସାଇକେଲ ଦୋକାନ ରହିଛି। ପରେ ଲାଲୁ ଦାଣ୍ଡିଆ ଗ୍ରାମରେ ଏକ ସାଇକେଲ ଦୋକାନ ଖୋଲିବା ପରେ ତାଙ୍କ ବ୍ୟବସାୟ ଭଲ ଚାଲିବାକୁ ଲାଗିଲା। ଏଥିରେ ଇର୍ଷାନ୍ୱିତ ହୋଇ ବାଞ୍ଛା ଗ୍ରାମର ମାନ ଓରଫ ମନବୋଧ ସେଲମାଙ୍କ ସହ ମନ୍ତ୍ରଣା କରି ଲାଲୁଙ୍କ ଦୋକାନରୁ ଚୋରି କରିବାକୁ ପ୍ରବର୍ତ୍ତାଇଥିଲେ। ଏଥିପାଇଁ ମନବୋଧ ଟିଟିଲାଗଡ଼ ସ୍ୱାଧୀନପଡ଼ାର ସମ୍ବାରୁ କଟାଙ୍କ ସହ ଯୋଗାଯୋଗ କରିଥିଲେ। ଗତ ୬ ତାରିଖ ସନ୍ଧ୍ୟାରେ ଲାଲୁ ନିଜ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ପୂର୍ବ ଯୋଜନା ଅନୁସାରେ ସେହିଦିନ ବିଳମ୍ବିତ ରାତିରେ ବାଞ୍ଛା, ମନବୋଧ, ସମ୍ବାରୁ ଏକ ପିକଅପ ଭ୍ୟାନ(ନଂ. ଓଆର–୨୬–୫୪୯୪)ନେଇ ଲାଲୁଙ୍କ ଦୋକାନ ପାଖକୁ ଯାଇଥିଲେ। ସେଥିରେ ଏକ କର୍ଟର ମେଶିନ ସାହାଯ୍ୟରେ ଦୋକାନ ତାଲା କାଟି ସମସ୍ତ ସାମଗ୍ରୀ ଚୋରି କରି ନେଇଯାଇଥିଲେ। ୭ତାରିଖ ସକାଳେ ଲାଲୁ ଦୋକାନ ଖୋଲିବାକୁ ଆସିବା ବେଳେ ତାଲା କଟାଯାଇଥିବା ଦେଖିବାକୁ ପାଇଥିଲେ। ଦୋକାନରେ ଥିବା ୧ଲକ୍ଷ ୪୦ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ନ ଥିବା ଦେଖି ସଇଁତଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ଏକ ମାମଲା (୨୭୮/୨୨)ରୁଜୁ କରି ତଦନ୍ତ ଚଳାଇଥିଲା। ଏସ୍‌ପି ନୀତିନ କୁଶଲକରଙ୍କ ନିର୍ଦ୍ଦେଶକ୍ରମେ ଟିଟିଲାଗଡ଼ ଏସଡ଼ିପିଓ କୁମ୍ଭାର, ସଇଁତଳା ଥାନାଧିକାରୀ ଅବନୀ ସାହୁଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇଥିଲା। ବିଭିନ୍ନ ସୂତ୍ରକୁ ଆଧାର କରି ପୋଲିସ ଅଭିଯୁକ୍ତମାନଙ୍କ ନିକଟରେ ପହଞ୍ଚି ଥିବା ପୋଲିସ କହିଛି।



ଚୋରିରେ ବ୍ୟବହୃତ ପିକ୍‌ଅପ୍ ଭ୍ୟାନ୍।



ଉଦ୍ଧାର ଚୋରି ସାମଗ୍ରୀ।

## କାମ କରି ମଜୁରି ପାଇନାହାନ୍ତି ଶ୍ରମିକ

**ଲାଠୋର, ୯।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡ଼ା ପଞ୍ଚାୟତ ସଦର ଗ୍ରାମରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ କରି କେତେକ ଶ୍ରମିକ ମଜୁରି ପାଇ ନ ଥିବା ଅଭିଯୋଗ କରିଛନ୍ତି। ଗତ ଜାନୁୟାରୀ ଏବଂ ଫେବୃୟାରୀ ମାସରେ ବରହା ଟେଙ୍କ ଓ ମହାବନ୍ଧରେ ମାଟି କାମ ହୋଇଥିଲା। ଏହି ଦୁଇ ପ୍ରକଳ୍ପରେ ଗ୍ରାମର କାଲା ବେହେରା, ଅନାର୍ଯ୍ୟ ସୁନା, ଧନୁର୍ଯ୍ୟ ସୁନା, ଲୋକନାଥ ଧରୁଆ, ଦାରାସିଂ ମାଝି, ଦିଲୀପ ଧରୁଆ, କୈଳାସ ଧରୁଆ, କାଶିରାମ ମାଝି, ଭିକାରୀ ମାଝି, ଛବିଳ ବେହେରା ଏବଂ ଡ଼ିସେମ୍ବର ଧରୁଆ ମାଟି କାମ କରିଥିଲେ। କାହାର ୮ ହଜାର ତ ଆଉ କାହାର ୯ ହଜାର ଲେଖାଏ ମଜୁରି ବାବଦ ଟଙ୍କା ପାଇବାକୁ ବାକି ରହିଛି। ଇତିମଧ୍ୟରେ ୧୦ମାସ ବିତି ଯାଇଥିଲେ ବି ସେମାନଙ୍କୁ ମଜୁରି ଟଙ୍କା ପ୍ରଦାନ କରାଯାଇନାହିଁ। ଅପରପକ୍ଷରେ ଏହି ପ୍ରକଳ୍ପରେ କାମ କରି ନ ଥିବା ବ୍ୟକ୍ତିଙ୍କୁ ଶ୍ରମିକ ଦର୍ଶାଇ ସେମାନଙ୍କ ପାସ୍‌ବୁକରେ ହଜାର ହଜାର ଟଙ୍କା ଜମା କରାଯାଇ ଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ମଜୁରି ନପାଇ ଏବେ ଶ୍ରମିକମାନେ ଆର୍ଥିକ ଦୁର୍ଗତିର ସମ୍ମୁଖୀନ ହେଉଛନ୍ତି। କାମ ଦାୟିତ୍ୱରେ ଥିବା ଗାଁ ସାଥୀ ଗଣେଶ ଧରୁଆଙ୍କୁ ପଚାରିବାରେ କେନିଷ୍ଟ ଯନ୍ତ୍ରୀଙ୍କ ସହ କଥା ହୋଇ ସମ୍ପୃକ୍ତ ଶ୍ରମିକମାନଙ୍କ ନାମରେ ୧୨ଦିନ ଲେଖାଏର ମଜୁରି ବାବଦ ଟଙ୍କା ପ୍ରଦାନ କରିବାକୁ ଡ଼ିମାଣ୍ଡ ଫର୍ମ ଦିଆଯାଇଛି ବୋଲି କହିଛନ୍ତି। ଖପ୍ରାଖୋଲ ବିଡିଓ ଏ ଦିଗରେ ସ୍ୱତନ୍ତ୍ରଭାବେ ଦୃଷ୍ଟି ଦେବାକୁ ଦାବି ହେଉଛି।

# ସାମୂହିକ ବିକାଶ ଉପରେ ଗୁରୁତ୍ୱ

## ଶୌଣ୍ଡିକ ସମାଜର ବାର୍ଷିକ ବୈଠକ



ବାର୍ଷିକ ବୈଠକରେ ଉପସ୍ଥିତ ଶୌଣ୍ଡିକ ସମାଜ କର୍ମକର୍ତ୍ତା।

**ଖପ୍ରାଖୋଲ, ୯।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ତେଲେନପାଲି ପଞ୍ଚାୟତ ଅଫିସ ନିକଟରେ ଶୌଣ୍ଡିକ ସମାଜର ବାର୍ଷିକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଖପ୍ରାଖୋଲ ଆଞ୍ଚଳିକ ସର୍କଲ ସଭାପତି ଲିଙ୍ଗରାଜ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶୌଣ୍ଡିକ ସମାଜର ସାମାଜିକସ୍ତରରେ ରହିଥିବା ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ଖପ୍ରାଖୋଲ ଶୌଣ୍ଡିକ ସମାଜର ସୁବର୍ଣ୍ଣଗ୍ରାହୀ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ପ୍ରସ୍ତାବ ରଖାଯାଇଥିଲା। ବରିଷ୍ଠ ସଦସ୍ୟ ତଥା ପୂର୍ବତନ ସରପଞ୍ଚ ନବୀନ ବେହେରା ଦାନସୂତ୍ରରେ ଦେବାକୁ ଥିବା ଜମିରେ ମଣ୍ଡପ ନିର୍ମାଣ କରାଯିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା। ଉକ୍ତ କାର୍ଯ୍ୟ ପାଇଁ ସାମାଜିକ ସ୍ତରରେ ପାଣ୍ଠି ସଂଗ୍ରହ ସହ ସମାଜର ଲୋକେ ଦାନସୂତ୍ର ରେ ଅର୍ଥ ଦେବା ପାଇଁ ନିବେଦନ କରାଯାଇଥିଲା। ଏହା ସହ ସମାଜରେ ରହିଥିବା ଦୁର୍ବଳ ଶ୍ରେଣୀ ଲୋକଙ୍କୁ ସାମାଜିକ ସ୍ତରରେ ସହଯୋଗ କରାଯିବ ମତପ୍ରକାଶ ପାଇଥିଲା। ସଭାରେ ଉପସଭାପତି ପରମେଶ୍ୱର ବେହେରା, ସମ୍ପାଦକ ରାଜକୁମାର ବେହେରା, ନକୁଳ ବେହେରା, ବଂଶୀଧର ବେହେରା, ବେଦବ୍ୟାସ ବେହେରା, ସୁବନ ବେହେରା, ଦିବାକର ବେହେରା, ତାପସ ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ସଂସ୍କୃତି ମନ୍ତ୍ରୀଙ୍କ ସହ ଆଲୋଚନା କଲେ ବିଧାୟକ

### ବଲାଙ୍ଗୀର ଦିନ୍‌କୁ ସରକାରୀ ମାନ୍ୟତା ଦାବି

**ବଲାଙ୍ଗୀର ଅଫିସ,୯।୧୦**

ନଭେମ୍ବର ୧ ତାରିଖ ବଲାଙ୍ଗୀର ଦିନ ଉତ୍ସବକୁ ସରକାରୀ ମାନ୍ୟତା ପ୍ରଦାନ ପାଇଁ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ରଙ୍କୁ ସୁପାରିଶ କରିଛନ୍ତି। ବଲାଙ୍ଗୀର ଜିଲାର ଐତିହ୍ୟ, କଳା, ସଂସ୍କୃତି ଓ ପରମ୍ପରା ବଜାୟ ରଖି ଏହାର ବ୍ୟାପକ ପ୍ରଚାର ପ୍ରସାର ପାଇଁ ବଲାଙ୍ଗୀର ଦିନ୍ ପାଳନକୁ ଆବଶ୍ୟକ ସରକାରୀ ସହଯୋଗ ଦେବା ପାଇଁ ଓଡିଶା ସରକାରଙ୍କ ଭାଷା, ସାହିତ୍ୟ, ସାଂସ୍କୃତିକ ମନ୍ତ୍ରୀ ପାତ୍ରଙ୍କୁ ଏ ବିଷୟରେ ଆଲୋଚନା କରିଥିବା ଜଣାପଡିଛି । କିଛିଦିନ ପୂର୍ବରୁ ବଲାଙ୍ଗୀର ଦିନ୍ ଆୟୋଜନ କମିଟି କଟାବାଞ୍ଜି ବିଧାୟକ ସାଲୁଜାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁ ପାଢୀଙ୍କୁ ବିଧାୟକ ସାଲୁଜା ସୁପାରିଶ ପତ୍ର ମଧ ପ୍ରଦାନ କରିଥିଲେ। ୧୯୪୯ ନଭେମ୍ବର ୧ତାରିଖ ଦିନ ଓଡିଶାରେ ବଲାଙ୍ଗୀର ଜିଲା ଅନୁଷ୍ଠାନିକଭାବେ ମିଶ୍ରଣ କରାଯାଇଥିଲା । ତେଣୁ ଉକ୍ତ ଦିବସକୁ ବଲାଙ୍ଗୀର ଦିନଭାବେ ସରକାରୀ ସ୍ତରରେ ସମର୍ଥନ ଦେବା ପାଇଁ କଣ୍ଟାବାଞ୍ଜି ବିଧାୟକ ଦାବି କରିଛନ୍ତି।

## ଓସିଏସ୍ ଉତ୍ତୀର୍ଣ୍ଣ ହେମନ୍ତ ପୁଟାଙ୍କୁ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ଉତ୍ସବରେ ହେମନ୍ତ ପୁଟା ଓ ଅନ୍ୟମାନେ।

**ଲୋଇସିଂହା,୯।୧୦(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ଗ୍ରାମର ହେମନ୍ତ ପୁଟା ଓଡିଶା ସିଭିଲ ସର୍ଭିସ(ଓସିଏସ୍) ପରୀକ୍ଷାରେ ୩୨୪ ର୍‍ୟାଙ୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଗ୍ରାମର ରାମଜୀ ମନ୍ଦିର ପ୍ରାଙ୍ଗଣରେ ଏକ ସମ୍ବର୍ଦ୍ଧନା ସଭା ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। ସମ୍ବର୍ଦ୍ଧନା ସଭାରେ ଶିକ୍ଷାବିତ୍ ଲଳିତ ମୋହନ ସାହୁ ଅଧ୍ୟକ୍ଷତା କରିଥିଲେ । ଅବସରପ୍ରାପ୍ତ ଶିକ୍ଷକ ନେପାଳ ପଧାନ ମୁଖ୍ୟ ଅତିଥି, ନରସିଂ ସାହୁ, ନାଗର ହରପାଲ, ସୁବଳ ମିଶ୍ର ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ହେମନ୍ତଙ୍କ ମା ରଙ୍କମଣୀ ପୁଟା, ବାପା ସମାରୁ ପୁଟା ସ୍ୱତନ୍ତ୍ର ଅତିଥିଭାବେ ମଞ୍ଚାସୀନ ଥିଲେ। ଖାରମୁଣ୍ଡା ଆଦର୍ଶ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ହେମନ୍ତ କଠିନ ପରିଶ୍ରମ ବଳରେ ପ୍ରଶାସନିକ ଅଧିକାରୀ ହୋଇପାରି ଯୁବପୀଢିଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଥିବା ଅତିଥିମାନେ କହିଥିଲେ। ହେମନ୍ତ ପ୍ରଥମ ବ୍ୟକ୍ତିଭାବେ ପ୍ରଶାସନିକ ଅଧିକାରୀ ହୋଇ ଗାଁର ଗର୍ବ ଓ ଗୌରବକୁ ବଢାଇଛନ୍ତି ବୋଲି ପଲ୍ଲୀ ଆଲୋକ ପାଠାଗାରର ସମ୍ପାଦକ ପ୍ରଶାନ୍ତ ନାୟକ ସଭା ସଂଯୋଜନା ଅବସରରେ କହିଥିଲେ । ଏହି ପରିପ୍ରେକ୍ଷୀରେ ଗ୍ରାମର ରାମଜୀ ଯୁବକ ସଂଘ, ଶିକ୍ଷକ ସଂଗଠନ, ବିଭିନ୍ନ ଅନୁଷ୍ଠାନ ତରଫରୁ ହେମନ୍ତଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ହେମନ୍ତଙ୍କ ମା'ବାପାଙ୍କୁ ମଧ୍ୟ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାକାର୍ଯ୍ୟ ସଦାନନ୍ଦ ପଶାୟତଙ୍କ ଆବାହକତ୍ୱରେ ହୋଇଥିଲା। ଦୋଳଗୋବିନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# କଳସ ଶୋଭାଯାତ୍ରା, ଗଜଲକ୍ଷ୍ମୀ ପୂଜା ଆରମ୍ଭ

**ସଇଁତଳା,୯।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଛକରେ ୨୭ତମ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। ଏଥିପାଇଁ ରବିବାର ସକାଳୁ ନିକଟସ୍ଥ ଜଳାଶୟରୁ ୧୦୮ ପୂର୍ଣ୍ଣ ଜଳ କଳସ ଶୋଭାଯାତ୍ରାରେ ଅଣାଯାଇଥିଲା। ପୂଜାରେ କର୍ତ୍ତାଭାବେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ, ମୋନିକା ସିଂ ଭୋଇ ଏବଂ ତପନ ଦାସ ଓ ଜ୍ୟୋତ୍ସ୍ନାମୟୀ ତ୍ରିପାଠୀ ଭୋଇ ଦାୟିତ୍ୱ ନିର୍ବାହ କରୁଛନ୍ତି। ଗୁରୁବାର ପର୍ଯ୍ୟନ୍ତ ପୂଜା ଅନୁଷ୍ଠିତ ହେବ ବୋଲି କମିଟି ସଭାପତି ପରମେଶ୍ୱର କର୍ମୀଙ୍କଠାରୁ ପ୍ରକାଶ। କମିଟି ସମ୍ପାଦକ ଅବନୀ ସାହୁ, କୋଷାଧ୍ୟକ୍ଷ ପ୍ରଦୀପ ଡ଼ାଙ୍ଗ, ସରୋଜ କର୍ମୀ, ଅକ୍ଷୟ ସାହୁ, ଆଦିତ୍ୟ ରଣା, ଗୁଡୁ ଗୁପ୍ତାଙ୍କ ସମେତ ଛକୋରବାଞ୍ଜି ଓ ଡେଙ୍ଗ ଗ୍ରାମର ଯୁବକମାନେ ପୂଜା ଆୟୋଜନରେ ସହଯୋଗ କରୁଛନ୍ତି।



ଗଜଲକ୍ଷ୍ମୀ ପୂଜା ପାଇଁ ବାହାରି ଥିବା କଳସ ଶୋଭାଯାତ୍ରା।

## ଜିଲା ପ୍ରଶାସନ ସହ ଆଲୋଚନା, ରାସ୍ତାରୋକୋ ସ୍ଥଗିତ

**ଲୋଇସିଂହା,୯।୧୦(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ତହସିଲ ରୁଗୁଡିଖାଲରେ ସରକାରୀ ଜମି ଜବରଦଖଲ ଉଚ୍ଛେଦ ନେଇ ରାଜସ୍ୱ ବିଭାଗ ଓ ଜିଲା ପ୍ରଶାସନ ପଛଘୁଞ୍ଚା ଦେଉଛି। ଏହାର ପ୍ରତିବାଦରେ ଅକ୍ଟୋବର ୧୦ରେ ରୁଗୁଡିଖାଲରେ ବରଗଡ–ବଲାଙ୍ଗୀର ୨୬ ନଂ ଜାତୀୟ ରାଜପଥ ଅବରୋଧ କରିବାକୁ ବୁଢୀପଦର ଗ୍ରାମବାସୀ ନିଷ୍ପତ୍ତି ନେଇଥିଲେ। ରବିବାର ଉପଜିଲାପାଳ କୁମାର ନାଗ ଭୂଷଣଙ୍କଠାରୁ ଡାକରା ପାଇ ସରପଞ୍ଚ ଲକ୍ଷ୍ମୀ ପଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଲୋଇସିଂହା ତହସିଲଦାର ସଂଘମିତ୍ରା କାଲୋ ଏବଂ ଅନ୍ୟାନ୍ୟ ଅଧିକାରୀଙ୍କ ସହ ଉକ୍ତ ପ୍ରତିନିଧି ଦଳର ଆଲୋଚନା ହୋଇଥିଲା। ଆସନ୍ତା ୧୯ତାରିଖରେ ବିବାଦୀୟ ଜମି ପୁନଃ ମାପଚୁପ ପାଇଁ ଏହି ଅବସରରେ ଉପଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଏଣୁ ସୋମବାର ହେବାକୁ ଥିବା ରାସ୍ତାରୋକୋକୁ ସ୍ଥଗିତ ରଖାଯାଇଥିବା ସାମାଜିକ କର୍ମୀ ଯୁଧିଷ୍ଠିର ପଧାନ ସୂଚନା ଦେଇଛନ୍ତି। ଏଥିରେ ଖିଲାପ କଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର ହେବା ବୋଲି ସରପଞ୍ଚ ଲକ୍ଷ୍ମୀ ପଧାନ କହିଛନ୍ତି।

# ପ୍ରାଥମିକ ଶିକ୍ଷକ ସଂଘ ଆନ୍ଦୋଳନମୁହାଁ




ପ୍ରସ୍ତୁତି ବୈଠକରେ ଉପସ୍ଥିତ ଶିକ୍ଷକ।

## ନୂତନ ପେନ୍‌ସନ ବ୍ୟବସ୍ଥା ଉଚ୍ଛେଦ ଦାବି

**ଲୋଇସିଂହା,୯।୧୦(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ଆଦିବାସୀ ଭବନଠାରେ ବ୍ଲକ ମିଳିତ ପ୍ରାଥମିକ ସଂଘର ବୈଠକ ସଭାପତି କରୁଣାକର ପଟେଲଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକର ସମସ୍ତ ପ୍ରାଥମିକ ଶିକ୍ଷକ ଏକ୍ସକ୍ୟାଡର, କନିଷ୍ଠ ଶିକ୍ଷକ, ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକଙ୍କୁ ନେଇ ଆସନ୍ତା ୧୫ତାରିଖରେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ ପାଇଁ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ୨୦୦୫ ମସିହା ପରେ ଚାକିରୀ କରୁଥିବା ସମସ୍ତ ସରକାରୀ କର୍ମଚାରୀ ପାଇଁ ନୂତନ ପେନସନ ଯୋଜନା କାର୍ଯ୍ୟକାରୀ କରିବା ଲଜ୍ଜାଜନକ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା । ରାଜସ୍ଥାନ, ଛତିଶଗଡ, ଝାଡଖଣ୍ଡ ଓ ପଞ୍ଜାବ ସରକାର ସରକାରୀ କର୍ମଚାରୀଙ୍କ ଆବେଗକୁ ବିଚାର କରି ପୁରୁଣା ପେନସନ ବ୍ୟବସ୍ଥା ଲାଗୁ କରିଛନ୍ତି। ହେଲେ ଏଠାରେ ନୂତନ ପେନସନ ବ୍ୟବସ୍ଥାକୁ ସେମାନଙ୍କ ଉପରେ ଲଦି ଦିଆଯିବା ଶିକ୍ଷକମାରଣ ନୀତିକୁ ସୂଚାଉଛି। ୨୦୦୫ ପର ସରକାରୀ କର୍ମଚାରୀଙ୍କୁ ପୁରୁଣା ପେନସନ ଲାଗୁ ନକଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସଂଘ ଚେତାବନୀ ଦେଇଛି। ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଜରିଆରେ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ଅର୍ଥମନ୍ତ୍ରୀ ଓ ଆଇନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ନିଷ୍ପତ୍ତି ହୋଇଛି । ଏନପିଏସ ଶିକ୍ଷକ ସଂଘ ସଭାପତି କୁଞ୍ଜବିହାରୀ ସାହୁ, ନରେନ୍ଦ୍ର ରଣା, ଜଳ ତରିଆ, ସତ୍ୟନାରାୟଣ ପଧାନ, ଲଳିତ ମୋହନ ପୁଟା, କରୁଣାକର ବିଶ୍ୱାଳ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ ।

## ଶାସ୍ତ୍ରସ୍ମରଣ ପ୍ରତିଯୋଗିତାରେ ପ୍ରଥମ

ପଦ୍ମପୁର,(ଡି.ଏନ୍.ଏ.): ବରଗଡ଼ ଜିଲା ପଦ୍ମପୁର ନୂଆଁପାଲି ସ୍ଥିତ ନବପ୍ରଭାତ ଗୁରୁକୁଳର ବ୍ରହ୍ମଚାରୀ ରାଷ୍ଟ୍ରସ୍ତରୀୟ ଶାସ୍ତ୍ର ସ୍ମରଣ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଆଶ୍ରମର ଗୌରବ ବୃଦ୍ଧି କରିଛନ୍ତି। ଯମୁନା ତଟ ମଞ୍ଜାବଳୀ ହରିୟାଣାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ନବ ପ୍ରଭାତ ଆଶ୍ରମର ସୁଦୟ ଓ ଗୌରବ ଯୋଗଦାନ କରି ପାଣିନୀୟ ଅଷ୍ଟାଧ୍ୟାୟୀ ସ୍ମରଣ କରି ପ୍ରଥମ ସ୍ଥାନ ହାସଲ କରିଛନ୍ତି। ପୂଜ୍ୟ ଆଚାର୍ଯ୍ୟ ବୃହସ୍ପତିଜୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ରହ୍ମଚାରୀ ଦ୍ୱୟ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ଅଗ୍ରସେନ ଭବନ ନୂତନ କର୍ମକର୍ତ୍ତା ନିର୍ବାଚନ

ବରପାଲି,୯।୧୦(ଡି.ଏନ.ଏ.): ବରପାଲି ମାରୱାଡ଼ି ସମାଜର ଅଗ୍ରସେନ ଭବନ କର୍ମକର୍ତ୍ତା ନିର୍ବାଚନ ରବିବାର ସମ୍ପନ୍ନ ହୋଇଛି। ପୂର୍ବ ନିର୍ଦ୍ଧାରିତ ଘୋଷଣା ମୁତାବକ ପ୍ରାର୍ଥୀ ମନୋନୟନ ପତ୍ର ଦାଖଲ ସମୟ ଶନିବାର ସନ୍ଧ୍ୟା ପର୍ଯ୍ୟନ୍ତ ରହିଥିଲା। ସଭାପତି ପଦବୀ ପାଇଁ ସମାଜସେବୀ ନରେଶ ଅଗ୍ରୱାଲ ଏକମାତ୍ର ପ୍ରାର୍ଥୀ ଥିବାରୁ ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ରବିବାର ସନ୍ଧ୍ୟାରେ ସ୍ଥାନୀୟ ଅଗ୍ରସେନ ଭବନଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ନିର୍ବାଚନ ଅଧିକାରୀ ଆଇନଜୀବୀ ନରେନ୍ଦ୍ର କୁମାର ଅଗ୍ରୱାଲ ଏ ନେଇ ଘୋଷଣା କରିଥିଲେ। ଅଗ୍ରସେନ ଭବନର ଉନ୍ନତୀକରଣ ସହ ଯଥାଶୀଘ୍ର ଅନୁଷ୍ଠାନର ସମ୍ପାଦକ ଓ ଅନ୍ୟାନ୍ୟ ପଦବୀ ପାଇଁ କର୍ମକର୍ତ୍ତା ମନୋନୀତ କରାଯିବ ବୋଲି ନୂତନ ସଭାପତି ପ୍ରକାଶ କରିଥିଲେ।

### ପାଇକମାଳରେ ଚଣ୍ଡୀ ମହୋତ୍ସବ ସମ୍ପନ୍ନ

ପାଇକମାଲ,୯।୧୦(ଡି.ଏନ.ଏ.): ବରଗଡ ଜିଲା ପାଇକମାଲ ବ୍ଲକ ନୃସିଂହନାଥ ନିକଟସ୍ଥ ରାମଚଣ୍ଡୀ ମନ୍ଦିରରେ ରବିବାର ଚଣ୍ଡୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସକାଳ ୯ଟାରେ କୁଲତା ଜାତିର ମା ଭଉଣୀମାନେ ୩୦୧ କଳସରେ ନୃସିଂହନାଥ ଝରଣାରୁ ପାଣି ଆଣି ରାମଚଣ୍ଡୀ ପୀଠରେ ସ୍ଥାପନ କରିଥିଲେ। କେଶବ ସାହୁ ଓ ତାଙ୍କ ଧର୍ମପତ୍ନୀ ମମତା ସାହୁ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ଭାବେ ପ୍ରେମାନନ୍ଦ ଦେବତା ପୂଜା କାର୍ଯ୍ୟ ତୁଲାଇଥିବା ବେଳେ ଝସକେତନ ହୋତା ଚଣ୍ଡୀପାଠ କରିଥିଲେ। ଭୁବନେଶ୍ୱର ସା ସମସ୍ତ ପୂଜା ଦାୟିତ୍ୱ ତୁଲାଇଥିଲେ। ଏ ନେଇ ଅନୁଷ୍ଠିତ ଏକ ସଭାରେ କେନ୍ଦ୍ର କମିଟିର ୧୨ ଜଣ ସଭାପତି ଓ ନିମନ୍ତ୍ରିତ ଅତିଥି ଭାବେ ଭୈରବ ସାହୁ, ଚିନ୍ତାମଣି ସାହୁ ଓ ଦୁର୍ଲ୍ଲଭ ସାହୁ ଯୋଗ ଦେଇଥିଲେ। ଲୋହିତ କୁମାର ବାରିକ ସଭା ପରିଚାଳନା କରିଥିଲେ। ବିଜୟ ପ୍ରଧାନଙ୍କ ପରିଚାଳନାରେ ଶିଶୁ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଡା. ବୁଲୁ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

### ଗୌନ୍ତିଆଙ୍କ ପରଲୋକ

ପଦ୍ମପୁର,୯।୧୦(ଡି.ଏନ.ଏ.): ବରଗଡ଼ ଜିଲା ପଦ୍ମପୁର ବ୍ଲକ ଅନ୍ତର୍ଗତ ବୁଡାମାଲ ଗ୍ରାମର ଗୌନ୍ତିଆ କ୍ଷୀରସାଗର ପାଣ୍ଡେଙ୍କ ୬୪ ବର୍ଷ ବୟସରେ ରବିବାର ପରଲୋକ ଘଟିଛି। ସେ କିଛି ମାସ ହେଲା କିଡ୍ନୀ ଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ସେ ଜଣେ ଅମାୟିକ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୁତ୍ର ରାଜୁ ମୁଖାଗ୍ନି ଦେଇଥିଲେ।

### ଡୁମାଲ ସମାଜ ବୈଠକ

ଜାମକିରା, ଡିଏନଏ,୯।୧୦: ଅତାବିରା ବ୍ଲକ ଗମ୍ଭାରୀପାଲି ଡୁମାଲ ସମାଜ କେନ୍ଦ୍ର ସଭାପତି ପ୍ରେମରାଜ କର୍ମ୍ମଙ୍କ ସଭାପତିତ୍ୱରେ ରବିବାର ଏକ ବୈଠକ ଆଞ୍ଚଳିକ ଉମା ମାହେଶ୍ୱରୀ ମନ୍ଦିରଠାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ବରଗଡ଼ ଜିଲା ଡୁମାଲ ପରିଷଦ ସଭାପତି ଦୟାସାଗର ମେଣ୍ଡଲୀଙ୍କ ସମେତ ଜିଲାସ୍ତରୀୟ କର୍ମକର୍ତ୍ତା ଯୋଗଦାନ କରିଥିଲେ। ଗ୍ରାମ୍ୟ କମିଟି ଗଠନ କରାଯାଇ ଡୁମାଲ ଜାତି ସଙ୍ଗଠନକୁ ମଜଭୁତ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ରାଜ୍ୟ ଉପସଭାପତି ମୁରଲୀଧର ପାତ୍ର, ଜିଲା ଉପସଭାପତି ସୁଶିଳ ପ୍ରଧାନ, କୋଷାଧକ୍ଷ ଲୋକନାଥ କ୍ଷେତି, ସମୀର ଦେହେରି, ଜୀବର୍ଦ୍ଧନ କ୍ଷେତି, ଚାରପାଲି କେନ୍ଦ୍ର ସଭାପତି ଧ୍ରୁବ ଚରଣ ପ୍ରଧାନ, ପ୍ରଫୁଲ୍ଲ କର୍ଣ୍ଣ ପ୍ରମୁଖ ଉପସ୍ଥିତ ଥିଲେ।

# ସମାଜରେ ଥିବା କୁସଂସ୍କାର ଦୂରକୁ ଗୁରୁତ୍ୱ

## ଯାଦବ ମହାସଭା ପକ୍ଷରୁ ସମଲେଶ୍ୱରୀଙ୍କ ବାର୍ଷିକ ପୂଜା

ସୋନପୁର, ୯।୧୦(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ଯାଦବ ମହାସଭା ପକ୍ଷରୁ ବାର୍ଷିକ ଶାରଦୀୟ ପୂର୍ଣ୍ଣମୀ ଅବସରରେ ବାର୍ଷିକ ପୂଜା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଯାଦବଙ୍କ ଅଧିଷ୍ଠାତ୍ରୀ ଦେବୀ ମା’ ସମଲେଶ୍ୱରୀଙ୍କ ପୂଜନୋତ୍ସବ ସ୍ଥାନୀୟ ସମଲେଶ୍ୱରୀ ପୀଠରେ ଅନୁଷ୍ଠିତ ହୋଇଥିଲା। ସକାଳେ ବୁଢ଼ୀ ସମଲେଇ ମନ୍ଦିର ପ୍ରାଙ୍ଗଣରୁ ଯାଦବମାନେ ଏକ ବାଡି ଖେଳ ଶୋଭାଯାତ୍ରାରେ ବାହାରି ସମଲେଶ୍ୱରୀ ମନ୍ଦିରରେ ପହଞ୍ଚିଥିଲେ। ମଧ୍ୟାହ୍ନରେ ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ତପନ ଜୁଆଡି ସଭାରେ ଅଧକ୍ଷତା କରିଥିଲେ। ସୁବର୍ଣ୍ଣପୁର ଜିଲା ପରିଷଦ ସଭାପତି ସୁପାର ଠେଲା ମୁଖ୍ୟ ଅତିଥିଭାବେ ଯୋଗଦେଇ ଯାଦବ ସମାଜର ଇତିବୃତ୍ତ ବର୍ଣ୍ଣନା କରିବା ସହ ସମାଜର ଉନ୍ନତି ପାଇଁ ବିଭିନ୍ନ ପରାମର୍ଶ ଦେଇଥିଲେ।

ସମ୍ମାନିତ ଅତିଥି ଭାବେ ଉତ୍କଳ ଯାଦବ ମହାସଭାର ପଶ୍ଚିମ ଓଡିଶା ପର୍ଯ୍ୟବେକ୍ଷକ ରାଜୁ ଘିବେଲା, ମହାସଭାର ସୁବର୍ଣ୍ଣପୁର ଜିଲା ପର୍ଯ୍ୟବେକ୍ଷକ ଧବଳେଶ୍ୱର ମନହିରା, ଲିଗାଲ ସେଲର ସମ୍ପାଦକ ସୁବାଷ ଭୋଇ, ସୁବର୍ଣ୍ଣପୁର ଜିଲା ଯାଦବ ମହାସଭାର ଯୁବ ସଭାପତି ସୁରେଶ ଷାଣ୍ଡ, ଜିଲା ଯାଦବ ମହାସଭା ବରଗଡର ସମ୍ପାଦକ ରାମ ନାରାୟଣ ଭୋଇ, ବରଗଡର ଯୁବ ସଭାପତି ପ୍ରଦୀପ ଭୋଇ ଯୋଗଦେଇ ସମାଜରେ ଥିବା କୁସଂସ୍କାରକୁ ଦୂର କରିବା ସହ ସମାଜରେ ଥିବା ଅବହେଳିତ ପରିବାରକୁ ମୁଖ୍ୟସ୍ରୋତରେ ସାମିଲ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବୃନ୍ଦାବନ ଦୀପ ସଭା ପରିଚାଳନା କରିଥିଲେ। ମହାସଭାର ବ୍ଲକ ସଭାପତି ଶିତଳ ମହାକୁର, ଶତୃଘ୍ନ ବଗର୍ତ୍ତି, ବିରଞ୍ଚି ନାରାୟଣ ଷାଣ୍ଡ, ଶରତ ଚନ୍ଦ୍ର ଥାପା ଓ ବଳରାମ କାଣ୍ଡ ମଞ୍ଚାସିନ ଥିଲେ। ସଭାରେ ସୁବର୍ଣ୍ଣପୁର, ବରଗଡ ଓ ବୌଦ୍ଧ ଜିଲା ଯାଦବ ସମାଜର କର୍ମକର୍ତ୍ତାମାନେ ଯୋଗଦାନ କରିଥିଲେ। ଏହି ଅବସରରେ ଜିଲା ସଭାପତି ଓ ସମ୍ପାଦକଙ୍କ ସାଙ୍ଗଠନିକ ଆଲୋଚନା ହୋଇଥିଲା। ଜିଲା ଯାଦବ ସମାଜର ଇନ୍ଦ୍ରଜିତ ପରୁଆ ଓ କୃଷ୍ଣ ଚନ୍ଦ୍ର ବାଘ ସହଯୋଗ କରିଥିଲେ। ପିତବାସ ଭୋଇ ଧନ୍ୟବାଦ ପ୍ରଦାନ କରିଥିଲେ।


ସୁବର୍ଣ୍ଣପୁର ଜିଲା ଯାଦବ ମହାସଭା ବୈଠକରେ ମଞ୍ଚାସୀନ ଅତିଥି ଓ କର୍ମକର୍ତ୍ତା ବୃନ୍ଦ।

# ସ୍ମାର୍ଟ ଲାଇବ୍ରେରୀକୁ ଅବସରପ୍ରାପ୍ତ କର୍ମଚାରୀଙ୍କ ପୁସ୍ତକ ଦାନ

ବିନିକା, ୯।୧୦(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ସ୍ପୋର୍ଟସ କ୍ଲବଠାରେ ଜିଲା ଗ୍ରନ୍ଥାଳୟ ବିନିକା ଶାଖା(ସ୍ମାର୍ଟ ଲାଇବ୍ରେରୀ) ଖୋଲିଛି। ଏଠାକୁ ଆସୁଥିବା ଛାତ୍ରୀଛାତ୍ରଙ୍କ ପଠନ ସୁବିଧା ପାଇଁ ବିନିକା ମତ୍ସ୍ୟ ବିଭାଗର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଗୌତମ ମିଶ୍ର ୧୪୩ଖଣ୍ଡ ପୁସ୍ତକ ଦାନ କରିଛନ୍ତି। ଦାନ କରିଥିବା ପୁସ୍ତକ ମଧ୍ୟରେ ମେଡିକାଲ, ବ୍ୟାଙ୍କିଂ, ରେଲୱେ, ଏସଏସସି, ୟୁପିଏସି, ଓପିଏସସି, ପିଏସୟୁ ଆଦି କୋର୍ସର ପ୍ରସ୍ତୁତି ସହିତ ବିଜ୍ଞାନରେ ଅଧ୍ୟୟନ ଛାତ୍ରୀଛାତ୍ରଙ୍କ ପୁସ୍ତକ ରହିଛି। ସେହିପରି ଓଡ଼ିଶା ନାଟକ ଏକାଡେମୀ ସଦସ୍ୟ ଶାଶ୍ୱତ କୁମାର ତ୍ରିପାଠୀ ମଧ୍ୟ ସାଧାରଣ ଲୋକଙ୍କ ଜାଣିବା ନେଇ ୧୭ଖଣ୍ଡ ପୁସ୍ତକ ଦାନ କରିଛନ୍ତି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିନିକା ସ୍ପୋର୍ଟସ କ୍ଲବ ସଭାପତି ସୋମନାଥ ମିଶ୍ର, ବିନିକା ସାମ୍ବାଦିକ ସଂଘ ସମ୍ପାଦକ ଅଶୋକ କୁମାର ପଣ୍ଡା, ସାମାଜିକ କର୍ମୀ ରାମ ଗୋପାଳ ବାଘ, ଲାଇବ୍ରେରୀ ଇନଚାର୍ଜ ହିମାଂଶୁ ଶେଖର ପୁଟେଲ ଉପସ୍ଥିତ ଥିଲେ।


ଲାଇବ୍ରେରୀକୁ ପୁସ୍ତକ ପ୍ରଦାନ କରାଯିବା ଅବସରରେ ଉପସ୍ଥିତ ବୁଦ୍ଧିଜୀବୀମାନେ।

# ମାଣ୍ଡିଆ ଖାଦ୍ୟମେଳା ଉଦ୍‌ଘାଟିତ


ମନ୍ତ୍ରୀ ରୀତା ସାହୁ ଏବଂ ଅନ୍ୟମାନେ ମାଣ୍ଡିଆ ଖାଦ୍ୟମେଳା ପରିଦର୍ଶନ କରୁଛନ୍ତି ।

ବରଗଡ଼ ଅଫିସ୍,୯।୧୦

ମାଣ୍ଡିଆ ଜାତୀୟ କ୍ଷୁଦ୍ରଶସ୍ୟର ପୁନରୁତ୍ଥାନ ପାଇଁ ରାଜ୍ୟ ସରକାରଙ୍କ ମିଲେଟ ମିଶନ କାର୍ଯ୍ୟକ୍ରମ ଦ୍ୱାରା ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି। ଆସନ୍ତା ୨୦୨୩ ବର୍ଷକୁ ଅନ୍ତର୍ଜାତୀୟ ମିଲେଟ୍ସ ବର୍ଷ ଭାବେ ଓଡ଼ିଶା ସହିତ ସାରା ବିଶ୍ୱ ପାଳନ କରିବାର କାର୍ଯ୍ୟକ୍ରମ ରହିଛି। ବରଗଡ଼ ଜିଲା ବିଜେପୁର ବ୍ଲକ ଅନ୍ତର୍ଗତ ଏମ. ଶ୍ରୀଗିଡ଼ା ଗ୍ରାମରେ ଜୟ ଲଣ୍ଡାବୀର ଯାତ୍ରା ଉପଲକ୍ଷେ କୃଷି ବିଭାଗ ସହାୟତାରେ ମହାଶକ୍ତି ଫାଉଣ୍ଡେଶନ ପକ୍ଷରୁ ଦ୍ୱିଦିବସୀୟ ଖାଦ୍ୟମେଳାରେ ଏହି ସୂଚନା ଦିଆଯାଇଛି। ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ରୀତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବିଜେପୁର ବ୍ଲକ ଅଧ୍ୟକ୍ଷ ମୋତିରାମ ସାହୁ, ବ୍ଲକ ସହକାରୀ କୃଷି ଅଧିକାରୀ ସନ୍ୟାସୀ ସେଠ, ସମିତିସଭ୍ୟା ଜୟନ୍ତୀ ମେହେର, ସରପଞ୍ଚ ରୀନା ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ମାଁ ଅମ୍ବିକା ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟାମାନେ ମାଣ୍ଡିଆ ତିଆରି ମାଲପୁଆ, ଗଜା, ବାଲସେଇ, ନିମ୍‌କି, ସିଙ୍ଗଡ଼ା, ଚିପ୍ସ ଆଦି ପ୍ରଦର୍ଶନ କରିଥିଲେ। ଅତିଥିବୃନ୍ଦ ତାହା ବୁଲି ଦେଖିଥିଲେ। କୃଷି ବିଭାଗ ଏବଂ ମହାଶକ୍ତି ଫାଉଣ୍ଡେଶନର ଏଭଳି କାର୍ଯ୍ୟକ୍ରମକୁ ମନ୍ତ୍ରୀ ସାହୁ ପ୍ରଶଂସା କରିଥିଲେ। ମିଲେଟ୍ସ ମିଶନ ବ୍ଲକ ସଂଯୋଜକ ରବି ରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସହ ସଂଯୋଜକ ମହାଦେବ ସାହୁ, ସୁଶାନ୍ତ ଶତପଥି, ସୁଧୀର ନାଏକ, ରାକ୍ଷୀ ମେହେର, ଭୋଳାନାଥ ପ୍ରଧାନ, ଗଜୀନ୍ଦ୍ର ବରିହା ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ବଣ୍ଟନ କରାଯାଇଥିଲା।

## ନିର୍ମଳ ଛାୟା ଅନ୍ତେବାସୀଙ୍କୁ ବସ୍ତ୍ର, ଖାଦ୍ୟ ବଣ୍ଟନ

ବିନିକା, ୯।୧୦(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଲାଟିସ୍ଥିତ ନିର୍ମଳଛାୟା ଅନ୍ତେବାସୀଙ୍କୁ ରବିବାର ଉତ୍ତରପ୍ରଦେଶ କନଗଡସ୍ଥିତ କୃପାଳଜି ମହାରାଜାଙ୍କ ୧୦୦ତମ ଜନ୍ମତିଥି ପାଳନ ଅବସରରେ ବସ୍ତ୍ର ଓ ଖାଦ୍ୟ ବଣ୍ଟନ କରାଯାଇଥିଲା। ବିନିକା ଓ ସୋନପୁର ଜଗତଗୁରୁ ପରିଷଦ ତରଫରୁ ଉମାବଲ୍ଲଭ ଷଡ଼ଙ୍ଗୀ, ସତ୍ୟନାରାୟଣ ମିଶ୍ର, ଶିବ ନାରାୟଣ ପୂଜାରୀ, ରାଜିନ୍ଦ୍ର ପ୍ରସାଦ ସାହୁ, ଅଶ୍ୱିନୀ ବରେଇ, ସତ୍ୟ ନାରାୟଣ ନନ୍ଦ, ହରିହର ଦଣ୍ଡସେନା ପ୍ରମୁଖ ବିନିକା ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ପରେ କୁଷ୍ଠାଶ୍ରମକୁ ଯାଇ ଅନ୍ତେବାସୀଙ୍କୁ ବସ୍ତ୍ର, ଖାଦ୍ୟ ଓ ଅର୍ଥ ବଣ୍ଟନ କରିଥିଲେ। ଏହି ଅବସରରେ ଅନ୍ତେବାସୀମାନେ ସେମାନଙ୍କ ବିଭିନ୍ନ ସମସ୍ୟାର ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି କଲାମ ଚିନ୍ତନ ପରିବାର ଭୁବନେଶ୍ୱର ପକ୍ଷରୁ ସିଲାଟି-ବିନିକା ରାସ୍ତାରେ ଥିବା କୁଷ୍ଠାଶ୍ରମରେ ରବିବାର ଶୁଖିଲା ଖାଦ୍ୟ ଓ ନିତ୍ୟ ବ୍ୟବହୃତ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଭବାନୀପାଲିସେବାସଂସ୍ଥା ପରିବାର ସଦସ୍ୟ ଜୟଗୋପାଳ ବଘାର, ପ୍ରମୋଦ କୁମାର ସେଠୀଙ୍କ ନେତୃତ୍ୱରେ ବଣ୍ଟନ କରାଯାଇଥିଲା।

# ମହମ୍ମଦ ଜୟନ୍ତୀରେ ଶୋଭାଯାତ୍ରା

ବରଗଡ଼ ଅଫିସ୍,୯।୧୦

ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ରବିବାର ମହମ୍ମଦ ଜୟନ୍ତୀ ସମାରୋହରେ ପାଳିତ ହୋଇଛି। ଭଟଲି ବ୍ଲକ ଅନ୍ତର୍ଗତ କୁଶନପୁରୀ ହବିବ ନଗରରେ ସୁନ୍ନି ଜାମା ମସ୍‌ଜିଦ କମିଟି ପକ୍ଷରୁ ଏହା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ହବିବ ନଗରରୁ ଏକ ଶୋଭାଯାତ୍ରା ବାହାରି ବିଜୟା ଛକ ଦେଇ ଭଟଲି ବସ୍‌ଷ୍ଟାଣ୍ଡରେ ପହଞ୍ଚିଥିଲା। ଶୋଭାଯାତ୍ରା ଶେଷରେ ସ୍ଥାନୀୟ ଇଦଗାହ୍‌କୁ ଯାଇଥିଲା ଏବଂ ମସଜିଦ୍‌ରେ ହାବି ଅବଦୁଲ ଦାଫାତି ଖାନ୍ ଇସଲାମିକ ଝଣ୍ଡା ଉତ୍ତୋଳନ କରିଥିଲେ। ସୁନ୍ନି ଜାମା ମସ୍‌ଜିଦର ସାହି ଇମାମ୍ ମହମ୍ମଦ ଇଦ୍ରାସ ଆଲମ ଫାତିଆ(ପୂଜା) ପାଠ କରିଥିଲେ । ଏହି ଅବସରରେ ସୁନ୍ନି ଜାମା ମସ୍‌ଜିଦ କମିଟି ତରଫରୁ ସର୍ବସାଧାରଣଙ୍କ ପାଇଁ ଅନ୍ନଛତ୍ର ବ୍ୟବସ୍ଥା କରାଯାଇଥିଲା । ସୁନ୍ନି ଜାମା ମସଜିଦ କମିଟି ସଭାପତି ଅବଦୁଲ ଜାଫାର୍ ଖାନ୍ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଅବଦୁଲ ଫାରୁକ୍ ଖାନ, ରାଜୁ ଅଲ୍ଲୀ, କାସମ ଖାନ୍, ମହମ୍ମଦ ତୋଫିକ, ମହମ୍ମଦ ୟାସିନ୍ ପ୍ରମୁଖ ସହଯୋଗ କରିଥିଲେ।


ମହମ୍ମଦ ଜୟନ୍ତୀ ଅବସରରେ ବରଗଡ଼ ଜିଲା ଭଟଲିରେ ଶୋଭାଯାତ୍ରା ।

# ସୁବର୍ଣ୍ଣପୁରରେ ମହମ୍ମଦଙ୍କ ଜୟନ୍ତୀ

ସୋନପୁର,୯।୧୦(ନି.ପ୍ର.)

ମହାପୁରଷ ମହମ୍ମଦଙ୍କ ଜୟନ୍ତୀ ଉତ୍ସବ ଇଦ୍ ମିଲାଦ ଉନ ନବି ସୁବର୍ଣ୍ଣପୁର ସହରରେ ରବିବାର ପାଳିତ ହୋଇଯାଇଛି। ରଜା ମସଜିଦ୍ ଓ କେଏମସି କ୍ଲବର ମିଳିତ ଆୟୋଜନରେ ସହରର ସୁନ୍ନି ସମ୍ପ୍ରଦାୟର ମୁସଲମାନ ଭାଇମାନେ ମହମ୍ମଦଙ୍କ ପୂଣ୍ୟ ତିଥି ଅବସରରେ ହାତୀଶାଳ କଲ୍ୟାଣ ମଣ୍ଡପଠାରୁ ସୁସଜ୍ଜିତ ଜୁଲୁସ ଶୋଭାଯାତ୍ରା ବାହାର କରିଥିଲେ। ଏହି ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ପରେ ମଝିପଡାସ୍ଥିତ ମସଜିଦ୍‌ରେ ଜଲସା ହୋଇଥିଲା। ସମସ୍ତେ ଇଦ୍ ପର୍ବର ଶୁଭକାମନା ଜଣାଇଥିଲେ। ଝାଡଖଣ୍ଡରୁ ଆସିଥିବା ମୌଲାନା ଆଜମଲ ହୁସେନ ରିଜବି, ରେଢାଖୋଲରୁ ଆସିଥିବା ମୌଲବୀ ସୁଦାମ ହୁସେନ ରିଜିବି, ବେଲପାହାଡରୁ ଆସିଥିବା ଅବଦୁଲ ସାଲାମ ଓ ସୋନପୁର ବ୍ଲକ ନାରାୟଣପୁରରୁ ଆସିଥିବା ମୌଲବୀ କଲିମୁଦ୍ଦିନ ଫୈଜି ମହମ୍ମଦଙ୍କ ବାଣୀ ଓ କୋରାନ ସମ୍ପର୍କରେ ବୁଝାଇଥିଲେ। କମିଟି ସଭାପତି ହୁସେନ ମହମ୍ମଦ, ସମ୍ପାଦକ ଇରାଦତ୍ତ ଖାନ, କାଦର ଖାନ, ନୱାବ ମହମ୍ମଦ, ସାୟଦ ହାଇଦର ଅଲ୍ଲି, ଆରବାଜ ଖାନ ଓ ମହମ୍ମଦ ନାସିର ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।


ମହମ୍ମଦଙ୍କ ଜୟନ୍ତୀ ଅବସରରେ ଜୁଲୁସ ଶୋଭାଯାତ୍ରା ସହର ପରିକ୍ରମା କରୁଛି।

# ପ୍ରାଧାପକଙ୍କ ପରଲୋକରେ ଶ୍ରଦ୍ଧାଞ୍ଜଳି ସଭା

ବରଗଡ଼ ଅଫିସ୍,୯।୧୦

ବରଗଡ଼ ଏ.ଇ. ମିଶନ ସ୍କୁଲ ପରିସରରେ ରବିବାର ଏକ ଶ୍ରଦ୍ଧାଞ୍ଜଳି ସଭା ହୋଇଥିଲା। ଗୁରୁ ଭଗବାନ ସାହୁ ସ୍ମୃତି କମିଟି ତରଫରୁ ସଭାପତି ଡଃ ତପସ୍ୱିନୀ ଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଝାରସୁଗୁଡ଼ା ଲକ୍ଷ୍ମୀନାରାୟଣ କଲେଜ ଅର୍ଥନୀତି ବିଭାଗର ପ୍ରାଧ୍ୟାପକ ସ୍ୱର୍ଗତ ଉତ୍ତମ ହୋତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସଭାରେ ଅନୁଷ୍ଠାନର ଉପସଭାପତି ଦଧିବାବନ ଶତପଥି, ଡଃ ରବି ନାରାୟଣ ସାହୁ, ସମ୍ପାଦକ ମଳୟ ମହାନ୍ତି, କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା, ସଂଯୋଜକ ଲୁଲୁ ରବିନ ଦାଶ, କାର୍ଯ୍ୟକାରୀ କମିଟି ସଦସ୍ୟ ମନୋରଞ୍ଜନ ମେହେର, ଲୋକ ସମ୍ପର୍କ ପ୍ରଭାରୀ ସରୋଜ ମାଝୀ, ଶିବାନନ୍ଦ ମଟାରୀ, ଉଦ୍ଧବ ବେହେରା, ଯଶବୀର ସିଂ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ହୋତାଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ହୋତା ଏକାଧାରରେ ଜଣେ ଶିକ୍ଷାବିତ୍, ଲେଖକ ଏବଂ କଳାର ଉପାସକ ଥିଲେ ବୋଲି ସେମାନେ ମତବ୍ୟକ୍ତ କରିଥିଲେ।

# ଦରପନ୍ ମହୋତ୍ସବ ଉଦ୍‌ଯାପିତ

ବରଗଡ଼ ଅଫିସ୍,୯।୧୦

ବରଗଡ଼ ଗୋପବନ୍ଧୁ ସାହିତ୍ୟ ସଂସଦ ଏବଂ ପଶ୍ଚିମ ଓଡ଼ିଶା କବି କୁଟୁମ୍ ଆନୁକୂଲ୍ୟରେ ରବିବାର ‘ଦରପନ୍ ମହୋତ୍ସବ-୨୦୨୨’ ତଥା ରାଜ୍ୟସ୍ତରୀୟ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡଃ ଲକ୍ଷ୍ମଣ ସାହୁ ସଭାପତିତ୍ୱ କରିଥିଲେ। ସୁଦ୍ରୁମା ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଂଗ୍ରାମ କେଶରୀ ସାମନ୍ତରାୟ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାହିତ୍ୟର ଉହ୍ୟ ଦିଗ ଉପରେ ଆଲୋକପାତ କରିଥିଲେ। କବି ମନୋରଞ୍ଜନ ସାହୁ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ସମାଜର ବିଭିନ୍ନ ଦିଗ ଉପରେ କହିଥିଲେ। ନୂରାବତୀ ସାହୁ, ମାଧୁରୀ ମିଶ୍ର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଦୈତାରୀ ବିଶ୍ୱାଳ ଅତିଥି ପରିଚୟ ଏବଂ ସମ୍ପାଦକ ବଟକୃଷ୍ଣ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅତିଥିବୃନ୍ଦ ଲକ୍ଷ୍ମୀନାରାୟଣ ପଣ୍ଡାଙ୍କ ରଚିତ ପୁସ୍ତକ ‘ମନ ବଇଁଶୀର ସ୍ୱର’ ଏବଂ ବାର୍ଷିକ ପତ୍ରିକା ‘ସମିଆର୍ ଦରପନ୍’କୁ ଉନ୍ମୋଚନ କରିଥିଲେ। ଏହାପରେ ଦୈତାରୀ ବିଶ୍ୱାଳ ଏବଂ ସ୍ୱର୍ଣ୍ଣକାନ୍ତୀ ପତିଙ୍କ ସଂଯୋଜନାରେ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସେହିପରି ଲେଖକ, କବି ଏବଂ କଥାକାରମାନଙ୍କୁ ଦରପନ୍ ସାହିତ୍ୟ ସମ୍ମାନ, ଦରପନ୍ ଜ୍ୟୋତି ସମ୍ମାନ ଏବଂ ଦୟାନିଧି ମିଶ୍ର ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। ରମଣୀ ରଞ୍ଜନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।


ଦରପନ୍ ମହୋତ୍ସବରେ କବି, ଲେଖକ ଏବଂ କଥାକାରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

# ସାଂସ୍କୃତିକ ସଂସଦର ରୌପ୍ୟ ଜୟନ୍ତୀ ସମାରୋହ


ପ୍ରକାଶ ସାଂସ୍କୃତିକ ସଂସଦର ରୌପ୍ୟ ଜୟନ୍ତୀ ସମାରୋହରେ ଅତିଥିବୃନ୍ଦ।

ବରଗଡ଼ ଅଫିସ୍,୯।୧୦

ବରଗଡ଼ ଜିଲା ବିଜେପୁର ବ୍ଲକ ଅନ୍ତର୍ଗତ ପଡ଼ା ଗ୍ରାମର ପ୍ରକାଶ ସାଂସ୍କୃତିକ ସଂସଦ ରୌପ୍ୟ ଜୟନ୍ତୀ ସମାରୋହ ରବିବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସମାରୋହରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁରେଶ୍ୱର ଶତପଥି, ସଲିଳା ପଟ୍ଟନାୟକ, ମନୋହର ସାଂସ୍କୃତିକ ସଂସଦ ସଭାପତି ଉତ୍ପନ୍ନ କୁମାର ଭୋଇ, ବିଜେପୁର କଲେଜ ଅଧ୍ୟକ୍ଷ ପ୍ରଦୀପ କୁମାର ମିଶ୍ର, ଅଜିତ କୁମାର ମେହେର ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସଂସଦର ସଭାପତି ପ୍ରଦୀପ କୁମାର ପ୍ରଧାନ ଓ ଅଭ୍ୟର୍ଥନା କମିଟି ସଭାପତି ନାଟ୍ୟକାର ମୋହନ ସିଂ ଉଦ୍‌ଯାପନୀ ସମାରୋହରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଗ୍ରାମର କୃତୀ ଛାତ୍ର ଫିଲସ ପ୍ରଧାନ, ଲକ୍ଷ୍ମଣ ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା। ପଡ଼ା ଗ୍ରାମର ପ୍ରଥମ ଡକ୍ଟରେଟ୍ ଡିଗ୍ରୀ ହାସଲ କରିଥିବା ଡଃ ମିନତୀ ଦେବତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାପତି ପ୍ରଦୀପ କୁମାର ପ୍ରଧାନ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମନୋହର ସାଂସ୍କୃତିକ ସଂସଦର ମନୋହର ପତ୍ରିକାକୁ ମୁଖ୍ୟଅତିଥି ଉନ୍ମୋଚନ କରିଥିଲେ। ଉଦଯାପନୀ ସମାରୋହକୁ ସମ୍ପାଦକ ଦିଲୀପ କୁମାର ଦେବତା ସଂଯୋଜନା କରିଥିଲେ। ସୁରେନ୍ଦ୍ର କୁମାର ଦାଶ, ଅକ୍ଷୟ ଦାଶ, ଡା, ଭୋଳାନାଥ ମେହେର, ଟିକେଲାଲ ପଧାନ, ବିଶିକେଶନ ମେହେର, ଅମୀୟ ପ୍ରସାଦ ଭୋଇ, ଜୟଶଙ୍କର ଗୁରୁ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ କବିତା ଅଷ୍ଟପ୍ରହରୀ ଅନୁଷ୍ଠିତ ହୋଇଥିଲା ଏବଂ ରାଜ୍ୟର ବିଭିନ୍ନ ଅଞ୍ଚଳର କବୟିତ୍ରୀ, କବି ଏଥିରେ ଯୋଗଦାନ କରିଥିଲେ।

**ଓସିଏସ୍‌ରେ ସୁଧାଂଶୁ ମାଝିଙ୍କ କୃତିତ୍ୱ**

ନର୍ଲା,(ଡି.ଏନ.ଏ.): ଓଡିଶା ସିଭିଲ ସର୍ଭିସ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଏଥିରେ କଳାହାଣ୍ଡି ଜିଲା ନର୍ଲା ବ୍ଲକ ରୂପ୍ରାରୋଡ ପଞ୍ଚାୟତ ଡେଣ୍ଡୋବାହାଲି ଗ୍ରାମର ସୁଧାଂଶୁ ମାଝି କୃତିତ୍ୱ ହାସଲ କରିଛନ୍ତି। ସେ ହେଉଛନ୍ତି ରୂପାଧର ମାଝି ଓ ଲୀଳାବତୀ ମାଝିଙ୍କ ପୁତ୍ର। ଚଳିତ ଓଡିଶା ସିଭିଲ ସର୍ଭିସ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଛନ୍ତି। ଏହି ଖବର ପ୍ରଶାରିତ ହେବା ପରେ ନର୍ଲା ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।

## ସଂକ୍ଷେପରେ

### ୭୦ ବର୍ଷ ତ୍ରିନାଥଙ୍କୁ ମିଳୁନି ବାର୍ଦ୍ଧକ୍ୟ ଭତ୍ତା

ବୋଡେନ,୯।୧୦(ଡି.ଏନ.ଏ.): ସରକାର ବିଭିନ୍ନ ଯୋଜନା ପ୍ରସ୍ତୁତ କରି ବିଧବା ଭତ୍ତା, ଭାର୍ଦ୍ଧକ୍ୟ ଏବଂ ଭିନ୍ନକ୍ଷମ ଭତ୍ତା ଦେଇ ଆସୁଛନ୍ତି। କିନ୍ତୁ ନୂଆପଡ଼ା ଜିଲା ଉପାନ୍ତ ବୋଡେନ ବ୍ଲକର ଖେଇଁରା ପଞ୍ଚାୟତ ଅନ୍ତର୍ଗତ ଦାବେରି ଗାଁରେ ଭତ୍ତା ମିଳୁ ନ ଥିବା ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି। ଗାଁର ତ୍ରିନାଥ ବାଗଙ୍କୁ ପାଖାପାଖି ୭୦ ବର୍ଷ ହେବ। ବର୍ତ୍ତମାନ ପର୍ଯ୍ୟନ୍ତ ସେ କୌଣସି ଭତ୍ତା ପାଇନାହାନ୍ତି। ହିତାଧିକାରୀ ତ୍ରିନାଥ ଭତ୍ତା ଖଣ୍ଡିଏ ପାଇଁ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଗୁହାରି କଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହେଉଛି। ଏ ଦିଗରେ ଉଚିତ ତଦନ୍ତ କରି ତ୍ରିନାଥଙ୍କୁ ଭତ୍ତା ଦେବା ପାଇଁ ଦାବି ହେଉଛି।

### ଗାଡ଼ି ଧକ୍କାରେ ଅଜା ମୃତ, ନାତି ଗୁରୁତର

ନୂଆପଡ଼ା ଅଫିସ,୯।୧୦: ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ମିଛାପାଲି ପଞ୍ଚାୟତ ବିଶିବାଲଠାରେ ବିଜୁ ଏକ୍ସପ୍ରେସ ଫୋର ୱେରେ ରବିବାର ଅଜଣା ଗାଡି ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ଜଣକ ହେଲେ ବିଶିବାହାଲ ଗ୍ରାମର ମହାଡ ପ୍ରଧାନ (୭୦)। ପୂର୍ବାହ୍ନ ୧୦ଟାରେ ମହାଡ ଗ୍ରାମ ପୋଖରୀକୁ ଗାଧୋଇବା ପାଇଁ ୩ ବର୍ଷର ନାତି ରାଜକୁ ଧରି ଯାଉଥିଲେ। ଏକ ଅଜଣା ଗାଡି ଧକ୍କା ଦେଇ ଚାଲ ଯାଇଥିଲା। ଗ୍ରାମବାସୀ ଦେଖି ଗୁରୁତର ଅବସ୍ଥାରେ ଉଦ୍ଧାର କରି କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ମହାଡଙ୍କୁ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ନାତି ରାଜ ଡାହାଣ ଗୋଡ ଭାଙ୍ଗି ଯାଇ ମୁଣ୍ଡରେ ଆଘାତ ଲାଗିଛି। ରାଜକୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୋଲିସ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ୧୫ ଦିନ ମଧ୍ୟରେ ଦରମା ନ ମିଳିଲେ ବ୍ଲକ ଅଫିସ ଘେରାଉ

ବୋଡେନ,୯।୧୦(ଡି.ଏନ.ଏ.): ନୂଆପଡ଼ା ଜିଲା ବୋଡେନ ବ୍ଲକ ସାପ୍ତାହିକ ବଜାରଠାରେ ପାଚିକାମାନଙ୍କୁ ନେଇ ଭିମସେନଙ୍କ ନେତୃତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରେମଶିଳା ବାଗଙ୍କ ସଭାପତିତ୍ୱରେ ବୈଠକରେ ନିର୍ମାଣ ଶ୍ରମିକ ସଂଘ ନୂଆପଡାର ଟୁକୁବାବୁ, ଓଡିଶା ନିର୍ମାଣ ଶ୍ରମିକ ଉପଦେଷ୍ଟା ପରମେଶ୍ୱର ନାଏକ ଉପସ୍ଥିତଥିଲେ। ବୈଠକରେ ପାଚିକାମାନଙ୍କ ସମସ୍ୟା ନେଇ ଆଲୋଚନା କରାଯାଇଥିଲା। ଏହି ସମସ୍ୟ ସମାଧାନ କରିବା ପାଇଁ ଏକ କେନ୍ଦ୍ରିୟ ସଙ୍ଗଠନ ଗଢିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ବୋଡେନ ବ୍ଲକର ପାଚିକାମାନଙ୍କ ଦରମା ମିଳିପାରିନାହିଁ। ଏ ବାବଦରେ ବାରମ୍ବାର ଜଣାଇଲେ ସୁଦ୍ଧା ବିଡିଓ, ବିଇଓ, ସିଆରସିମାନେ ମଧ୍ୟ କର୍ଣ୍ଣପାତ କରୁନାହାନ୍ତି। ଆଗାମି ୧୫ ଦିନ ମଧ୍ୟରେ ଦରମା ନ ଦେଲେ ସିଆଇଟିୟୁ ୟୁନିୟନ ଜରିଆରେ ଓଡିଶା ମଧ୍ୟାହ୍ନ ଭୋଜନ ପାଚିକା ସଂଘ ଏହି ସମସ୍ୟା ନେଇ ବ୍ଲକ ଅଫିସ ଘେରାଉ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।

# ମା' ସୁନାଦେଈଙ୍କ ଛତରଯାତ୍ରା



ମା'ଙ୍କ ଛତର ପୂଜାର୍ଚ୍ଚନା କରାଯାଉଛି।

ନୂଆପଡ଼ା ଅଫିସ,୯।୧୦

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ସୁନାବେଡା ଅଭୟାରଣ୍ୟ ଭିତରେ ଅବସ୍ଥିତ ଆଦିବାସୀଙ୍କ ଆରାଧ୍ୟ ଇଷ୍ଟଦେବୀ ମା'ସୁନାଦେଈଙ୍କ ଛତରଯାତ୍ରା ରବିବାର ପାଳିତ ହୋଇଯାଇଛି। ସୁନାଦେଈଙ୍କ ଯାତ୍ରା ଆଶ୍ୱିନ ଚତୁର୍ଦ୍ଦଶୀ ଦିନ ଆରମ୍ଭ ହୋଇ କୁମାର ପୂର୍ଣ୍ଣିମା ଦିନ ଛତର ଯାତ୍ରା ଅନୁଷ୍ଠିତ ହୋଇଥାଏ। ସୁନାଦେଈଙ୍କ ଲିଙ୍ଗ ଯେଉଁଠାରେ ଆର୍ବିଭାବ ହୋଇଛି, ସେହିଠାରୁ ଦଉଲତ ପୂଝାରି ନାମକ ବ୍ୟକ୍ତିଙ୍କୁ ସୁନାଦେଈ ନାମରେ କାଳସି ଆସିଥିବା ବେଳେ ଗୋପାଲ ବର୍ଗେଙ୍କୁ ପ୍ରଧାନ ଦେଓ, ଗୁରୁ ଦେବତା କେଶର ବର୍ଗେଙ୍କୁ, ଶାଖୀ କଙ୍କାଲେନ ହେମରି ପୂଝାରିଙ୍କୁ ଓ ଦଳନଗୁରୁ ଭୂଗନସାଏକୁ କାଳସି ଆସିଥାଏ। ଏହି ସବୁ କାଳସିମାନେ ବୀରବାଦ୍ୟ ସହ ଲିଙ୍ଗଭଟାରୁ ବାହାରି ନଗର ପରିକ୍ରମା କରିଥାନ୍ତି। ସେହି ସମୟରେ ଶ୍ରଦ୍ଧାଳୁମାନେ ମନସ୍କାମନା ପୂର୍ଣ୍ଣ ହେବା ସହ ଦୁଃଖ ହରଣ ପାଇଁ ଅଧିଆ ପଡିଥାନ୍ତି। ଯେଉଁ ଭକ୍ତମାନଙ୍କ ମନସ୍କାମନା ପୂର୍ଣ୍ଣ ହୁଏ ଅନ୍ୟ ବର୍ଷ ବୋଦା ବଳି ଦେଇଥାନ୍ତି। ଚଳିତବର୍ଷ କରୋନା କଟକଣା ନ ଥିବାରୁ ଲକ୍ଷାଧିକ ଶ୍ରଦ୍ଧାଳଙ୍କ ସମାଗମ ହୋଇଥିଲା। ଅନେକ ଭକ୍ତଙ୍କ ମାନସିକ ପୂର୍ଣ୍ଣ ହୋଇଥିବାରୁ ଶ୍ରଦ୍ଧାରେ ବୋଦା ବଳି ଦେଇଥାନ୍ତି। ପୂର୍ବା ପୁରୁଷରୁ ଚାଲିଆସୁଥିବା ନୀୟମାନୁଯାୟୀ ୨୪ଖଣ୍ଡ ଗାଁରୁ ୨୪ଟି ବୋଦା ଦେବୀ ନାମରେ ଯାଇଥାଏ । ତାହାକୁ ପ୍ରଥମେ ବଳି ଦେବା ପରେ ମାନସିକ କରି ନେଇଥିବା ବୋଦା ବଳି ଦିଆଯାଇଥାଏ। ଦେବୀଙ୍କ ପୀଠରେ ହଜାର ହଜାର ବୋଦା ବଳି ଦିଆଯାଇଥିବାରୁ ରକ୍ତରଞ୍ଜିତ ହୋଇଯାଇଛି। ଦେବୀଙ୍କ ଆଶିର୍ବାଦ ଭିକ୍ଷା ପାଇଁ ନୂଆପଡା ଜିଲା ସମେତ କଳାହାଣ୍ଡି, ବଲାଙ୍ଗୀର, ବରଗଡ ଓ ଛତିଶଗଡରୁ ଲୋକେ ଆସିଥିଲେ। ସୁନାଦେଈ ପୀଠ ଛତିଶଗଡ ସୀମାରେ ରହିଥିବାରୁ ଛତିଶଗଡରୁ ଅଧିକ ଭକ୍ତଙ୍କ ସମାଗମ ହୋଇଥାଏ। ଭକ୍ତଙ୍କ ମନୋରଞ୍ଜନ ପାଇଁ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ପୂଜା କମିଟି ସଭାପତି ଭୁଜବଲ ମାଝି, ଉପସଭାପତି ବିଶ୍ରାମ ଛତ୍ରିଆ, ସମ୍ପାଦକ କଲିରାମ ସୁଆର, ସହସମ୍ପାଦକ ଯୁବରାଜ ଛତ୍ରିଆ, କୋଷାଧ୍ୟକ୍ଷ ସେତରାମ ବଗ୍ରେ ଓ ସନ୍ତରାମ ମାଝି, ପୂର୍ବତନ ସରପଞ୍ଚ ତିଲସିଂ ଝାକର, ଧନିରାମ ସୁଆର, ଧନସିଂ ବର୍ଗେ, ବିନୋଦ ମାଝି, ରାମପ୍ରସାଦ ମଝି, ତିଲକ ବର୍ଗେ ପୂଜା ଆୟୋଜନ ଦାୟିତ୍ୱରେ ଥିଲେ। କାସୀରାମ ବର୍ଗେ, ଲେକାନ୍ତ ବର୍ଗେ, ପୁରନ ବିଶ୍ୱାଳ, ସାଲିକରାମ ସୁଆର, ଜଗନ୍ନାଥ ମାଝି, ବାମନସିଂ ଛତ୍ରିଆ, ମନ୍ତ୍ରୀ ଛତ୍ରିଆ, ସାଲିକ ରାମ ମାଝି, ଗୋବିନ୍ଦ ଦଣ୍ଡସେନା, ଭୋରୋ ମାଝି, ରାମସିଂ ମାଝି, ଗୌତମ ଭୋଇ, ଯାଦବ ଖମାରିଙ୍କ ସମେତ ଶତାଧିକ ଯୁବକ ସେଚ୍ଛାକୃତ ଭାବେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ଦାୟୀତ୍ୱ କାର୍ଯ୍ୟ ତୁଲାଉଛନ୍ତି।

### ବୋଦା ବଳିରେ ପୀଠ ରକ୍ତ ରଞ୍ଜିତ

### ସେମାନଙ୍କ ମୁହଁରୁ...



“ମା'ଙ୍କ ଅପାର କରୁଣା ରହିଛି। ଯିଏ ଯେଉଁ କାର୍ଯ୍ୟ ପାଇଁ ମାନସିକ କରିଥାଏ ତାହା ପୂର୍ଣ୍ଣ ହେଉଥିବାରୁ ଲୋକେ ବିଶ୍ୱାସ କରି ଦେବୀଙ୍କ ପାଖକୁ ଆସି ମାନସିକ କରି ଯାଉଛନ୍ତି। ଯାହାର ମାନସିକ ପୂରଣ ହେଲେ ଅନ୍ୟ ବର୍ଷ ବୋଦା ବଳି ଦେଇଥାନ୍ତି।

**ପୂଜା କମିଟି ସଭାପତି ଭୁଜବଳ ମାଝି**



“ଦୂରଦୂରାନ୍ତରୁ ଅନେକ ଶ୍ରଦ୍ଧାଳୁ ଭକ୍ତ ଦେବୀଙ୍କ ଦର୍ଶନ ପାଇଁ ଆସିଥାନ୍ତି। ସେମାନଙ୍କ ଖାଇବା, ରହିବା ଓ ଅନ୍ୟାନ୍ୟ ବ୍ୟବସ୍ଥା ଆମ ସଂସ୍ଥା ପକ୍ଷରୁ ଛତର ଯାତ୍ରା ସମୟରେ କରିଥାଉ।

**ଚକୋଟିଆ ଭୁଞ୍ଜିଆ ଉନ୍ନୟନ ସଂସ୍ଥା ପରିଚାଳକ ହିମାଂଶୁ ଶେଖର ମହାପାତ୍ର**



“ଚଳିତବର୍ଷ ଲୋକଙ୍କ ଭିଡ ଅନୁସାରେ ଦୋକାନ ବଜାର ମଧ୍ୟ ବଢିଛି। ଜଳଖିଆ ଓ ମିଲର୍ସ ହୋଟେଲ ଖୋଲିଥିବାରୁ ଲୋକଙ୍କୁ କୌଣସି ଅସୁବିଧା ହେବନାହିଁ। ବ୍ୟାପାର ମଧ୍ୟ ଭଲ ଚାଲିଛି ।

**ସାମାଜିକ କର୍ମୀ ଚନ୍ଦ୍ର ପ୍ରକାଶ ଯୋଶୀ**



“ମା'ଙ୍କଠାରେ ଯେତେ ମନସ୍କାମନା କରିଥିଲୁ ସବୁ ପୂର୍ଣ୍ଣ ହୋଇଥିବାରୁ ଆମର ପୂର୍ଣ୍ଣ ବିଶ୍ୱାସ ରହିଛି। ଆମେ ପ୍ରତି ବର୍ଷ ମା'ଙ୍କ ଆଶିର୍ବାଦ ପାଇଁ ସପରିବାର ଆସିଥାଉ।

**ଭକ୍ତ ସ୍ନିଗ୍ଧା ସାହୁ, ନୂଆପଡ଼ା**

## ବୋଡେନ, ବିନପୁରରେ ଗଜଲକ୍ଷ୍ମୀ ପୂଜା ଆରମ୍ଭ

ବୋଡେନ,୯।୧୦(ଡି.ଏନ.ଏ.)

ନୂଆପଡ଼ା ଜିଲା ବୋଡେନ ଓ ବିନପୁର ଗାଁଠାରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଛି। ଏଥି ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବୋଡେନ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଗାଁର ମହିଳାମାନେ ପାତାଳଗଙ୍ଗାଠାରୁ କଳସ ଶୋଭାଯାତ୍ରାରେ ଆସି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ଏହି ଶୋଭାଯାତ୍ରାରେ କର୍ତ୍ତା ଦେବରାଜ ଦଣ୍ଡସେନା ଓ ତାଙ୍କ ସ୍ତ୍ରୀ ରହିଥିବାବେଳେ ପୁରୋହିତ ଭାବେ ବେଣିମାଧବ ବେହେରା ପୂଜା ବିଧି ବିଧାନ କରିଥିଲେ। କମିଟି ସଭାପତି ଚନ୍ଦ୍ର ମାଝି, ଉପସଭାପତି ସୁରେଶ ମାଝି, ସମ୍ପାଦକ ଖୀରସିନ୍ଧୁ ମାଝି, ସହସମ୍ପାଦକ ବେଦବ୍ୟସ ମାଝି ଏବଂ କୋଷାଧକ୍ଷ ଭାବେ ନିତେଶ ମାଝି ପ୍ରମୁଖ ରହିଛନ୍ତି। ସେହିପରି ବିନପୁର ଗାଁଠାରେ ମଧ୍ୟ ଗଜଲକ୍ଷ୍ମି ପୂଜା ଶୋଭାଯାତ୍ରା ସହ ପୂଜା ଆରମ୍ଭ ହୋଇଯାଇଛି। ଉକ୍ତ ଗାଁରେ ମହିଳାମାନେ ଗାଁ ନିକଟସ୍ଥ ପୋଖରୀକୁ ଶୋଭାଯାତ୍ରାରେ ଯାଇ କଳସ ଭର୍ତ୍ତି ଆଣି ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। ପୂଜାରେ କର୍ତ୍ତା ଭାବେ ଉଗ୍ର ନିଆଲ ଓ ତାଙ୍କ ସ୍ତ୍ରୀ ରହିଛନ୍ତି। କମିଟି ସଭାପତି ଭାବେ ପୁରୁତ୍ତମ ନାଗ, ଉପସଭାପତି କାଶିନାଥ ବେହେରା, ସମ୍ପାଦକ ଗଗନ ବିହାରୀ ପରାଭୋଏ, ସହସମ୍ପାଦକ ବିପିନ ବିହାରି ନିଆଲ ଓ କୋଷାଧକ୍ଷ ଭାବେ ଶ୍ୟାମସୁନ୍ଦର ଛତ୍ରିଆ ରହିଛନ୍ତି। ପ୍ରତେକ ଦିନ ରାତିରେ ମନୋରଞ୍ଜନ କାର୍ଯ୍ୟକ୍ରମ ନାଟକ ପରିବେଷଣ କରାଯିବ ବୋଲି କମିଟି ସୂତ୍ରରୁ ଜଣାପଡିଛି।

# ସଙ୍ଗଠନ ମଜଭୁତ କରିବାକୁ ଆହ୍ୱାନ

ଭବାନୀପାଟଣା,୯।୧୦(ସ୍ୱ.ପ୍ର.)

 କଳାହାଣ୍ଡି ଜିଲା ଭବାନୀପାଟଣା ଷ୍ଟେଟରୁ ଛକ ନିକଟରେ ରବିବାର ଭାଜପା ମହିଳା ମୋର୍ଚ୍ଚାର ଜିଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ନିରୁପମା ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ରାଜ୍ୟ ସମ୍ପାଦିକା ବବିତା ପାତ୍ର ଯୋଗଦେଇ ଦଳକୁ ଶକ୍ତିଶାଳୀ କରିବାକୁ ହେଲେ ସଙ୍ଗଠନକୁ ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ। ମହିଳାଙ୍କ ଉନ୍ନତି ପାଇଁ ମୋଦି ସରକାର ନେଇଥିବା ପଦକ୍ଷେପ ଉପରେ କହିବା ସହ ବିଭିନ୍ନ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରିଥିଲେ। ପରେ ଜିଲା ଉପସଭାନେତ୍ରୀ ବିନିତା ଦାଶ ରାଜ୍ୟ ସରକାରଙ୍କ ବିରୋଧରେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ଏକ ରାଜନୈତିକ ଚିଠା ପ୍ରସ୍ତାବ ପାଠ କରିଥିଲେ। କାର୍ଯ୍ୟକ୍ରମରେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ଜିଲା ସଭାପତି ଦେବେନ୍ଦ୍ର ମହାନ୍ତି, ଭବାନୀପାଟଣା ବ୍ଲକ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସାହୁ, ଜୁନାଗଡ ନଗରପାଳ ମୁକେଶ ଅଗ୍ରୱାଲ, ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ସ୍ଥାନୀୟ ବ୍ଲକ ଉପାଧ୍ୟକ୍ଷା ପୁଷ୍ପାଞ୍ଜଳୀ ସାହୁ, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଦୀପଜ୍ୟୋତି ମୁଣ୍ଡ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ନମିତା ରାଣୀ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେର, ଜିଲା ଯୁବ ସଭାପତି ବିଜୟ ଦେବ ସାହୁ, ଜିଲା ଉପସଭାପତି ଜୟଶଙ୍କର ନାଏକ, ଅଜୟ ପାଣିଗ୍ରାହୀ, ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ନରହରି ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ଜିଲା ସାଧାରଣ ସମ୍ପାଦିକା ଶୋଭାଗିନୀ ପାତ୍ର ପରିଚାଳନା କରିଥିଲେ। ପୂର୍ବତନ ଜିଲା ପରିଷଦ ସଭ୍ୟା ପିଙ୍କି ସାହୁ ଧନ୍ୟବାଦ ଦେଇଥିଲେ। ଜିଲା ଉପସଭାନେତ୍ରୀ ବିନିତା ଦାଶଙ୍କ ନେତୃତ୍ୱରେ ଲକ୍ଷ୍ମୀ ସାହୁ, ଶର୍ମିଷ୍ଠା ମିଶ୍ର ଓ ଟ୍ୱିଙ୍କଲ ବିଶ୍ୱାଳ ପ୍ରମୁଖ ଭାଜପାରେ ସାମିଲ ହୋଇଥିଲେ।



ବୈଠକରେ ଉପସ୍ଥିତ ଭାଜପା ମହିଳା ମୋର୍ଚ୍ଚା ନେତୃମଣ୍ଡଳୀ।

### ଭାଜପା ମହିଳା ମୋର୍ଚ୍ଚାର ଜିଲା କାର୍ଯ୍ୟକାରିଣୀ ବୈଠକ

## ଜୁନାଗଡ଼ରେ ମହମ୍ମଦ ଜୟନ୍ତୀ

ଜୁନାଗଡ,୯।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହରରେ ରବିବାର ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ସ୍ଥାନୀୟ ମୁସଲିମ ସମ୍ପ୍ରଦାୟଙ୍କ ପକ୍ଷରୁ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳୁ ପରିବାରର ସମସ୍ତ ସଦସ୍ୟ ନୂଆ ବସ୍ତ୍ର ପରିଧାନ କରି ନମାଜ ପାଠ କରିବା ସହ ସମସ୍ତଙ୍କୁ ମିଲାଦ ସରିଫ ବା ଶୁଭେଚ୍ଛା ଜଣାଇଥିଲେ। ପରେ ସ୍ଥାନୀୟ ଜମା ମସ୍‌ଜିଦ ପକ୍ଷରୁ ସୁସଜ୍ଜିତ ମେଢରେ ଛୋଟ ଶିଶୁଠୁ ଆରମ୍ଭ କରି ବଡ ଯାଏଁ ସମସ୍ତେ ହାତରେ ପତକା ଧରି ଏକ ବିରାଟ ଶୋଭାଯାତ୍ରା (ଜୁଲୁସ୍)ରେ ନଗର ପରିକ୍ରମା କରି ଜୁନାଗଡ ସହରବାସୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏଥିରେ ସମ୍ପ୍ରଦାୟ ସଭାପତି ଦାଓଦ ଖାନ୍, ସମ୍ପାଦକ ଶେଖ ୱାହିଦ ଖାନ, କୋଷାଧକ୍ଷ ଅବଦୁଲ ମଜିଦ ସୋଲାଙ୍କି, ମହମ୍ମଦ ହାନିପ, ହାସନ ଖାନ, ୟୁସୁଫ ଖାନ, ରାହି ଖାନ ପ୍ରମୁଖ ନେତୃତ୍ୱ ନେଇଥିଲେ।



ଶୋଭାଯାତ୍ରାରେ ମୁସଲମାନ ସମ୍ପ୍ରଦାୟର କର୍ମକର୍ତ୍ତା।

# ଫୁଟବଲ ଟୁର୍ନାମେଣ୍ଟ: ବାନେର ଚାମ୍ପିୟନ

ଜୁନାଗଡ,୯।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଅନ୍ତର୍ଗତ ବଣିଜରା ହାଇସ୍କୁଲ ପଡିଆଠାରେ ୬ଦିନ ଧରି ଚାଲିଥିବା ସ୍ୱର୍ଗତ ସୁଧିର ଚନ୍ଦ୍ର ମେହେର ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ରବିବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ବାନେର ଓ ଧର୍ମଗଡ ରାଇଜିଂ ଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଧର୍ମଗଡ ରାଇଜିଂ ଷ୍ଟାରକୁ ୧-୦ ଗୋଲ ଦେଇ ବାନେର ଚାମ୍ପିୟନ ହୋଇଛି। ଟୁର୍ନାମେଣ୍ଟରେ ରେଫରି ଭାବେ ତାପସ ଦାଶ ଦାୟିତ୍ୱ ତୁଲାଇଥିବାବେଳେ ସଞ୍ଜୀବ ଦୁର୍ଗା ଓ ସୁବ୍ରତ ବେହେରା ସହଯୋଗ କରିଥିଲେ। ବାରବେଶାଲ ମା' ଲଙ୍କେଶ୍ୱରୀ ଜୟ ଜଗନ୍ନାଥ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟର ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଜୁନାଗଡ ବିଧାୟକ ପ୍ରତିନିଧି ତଥା ଜିଲା ବ୍ଲକ ଅଧ୍ୟକ୍ଷ ସଂଘ ସଭାପତି ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷା ସୁଧିରା ମେହେର, ଜୁନାଗଡ ବ୍ଲକ ଅଧ୍ୟକ୍ଷା ସବିତା ମେହେର, ଉପାଧ୍ୟକ୍ଷ ପ୍ରମୋଦ ବେହେରା, ଜିଲା ପରିଷଦ ସଭ୍ୟା ସଙ୍ଗୀତା ଖର୍ସେଲ, ସରପଞ୍ଚ ସଂଘ ସଭାପତି ତାରା ଶଙ୍କର ରାୟଗୁରୁ, ସ୍ଥାନୀୟ ସରପଞ୍ଚ ଦିବ୍ୟା ଭାରତୀ ଲହଜଲ, ଅନୁଷ୍ଠାନ ସଭାପତି ସୁଜିତ ମେହେର ପ୍ରମୁଖ ଯୋଗଦେଇଥିଲେ।



ଫାଇନାଲ ଖେଳରେ ଉପସ୍ଥିତ ଅତିଥି।

# ରାଜ୍ୟସ୍ତରୀୟ ଲୋକ ସାହିତ୍ୟ ଆଲୋଚନାଚକ୍ର

ଖଡ଼ିଆଲ,୯।୧୦(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଲ ବ୍ଲକ ସ୍ଥାନୀୟ କଲ୍ୟାଣ ମଣ୍ଡପ ୨ଠାରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଜିଲାରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟା ଡାକ୍ତର ସୁରେଶ୍ୱରୀ ବାଘଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ଅଧିବେଶନରେ ଉଦ୍‌ଘାଟକ ଭାବେ ସ୍ଥାନୀୟ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ମୁଖ୍ୟଅତିଥି ଭାବେ ଖଡ଼ିଆଲ ରାଜା ସାହେବ ତଥା ବିଶିଷ୍ଟ ଗବେଷକ ଡା. ଜିତାମିତ୍ର ପ୍ରସାଦ ସିଂଦେବ ଏବଂ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଗବେଷିକା ଡାକ୍ତର ଅଞ୍ଜଳି ପାଢ଼ୀ ଯୋଗଦାନ କରିଥିଲେ। ସେହିପରି ପ୍ରଥମ ଅଧିବେଶନରେ ଲୋକ ସାହିତ୍ୟ ଓ ଲୋକ ସଂସ୍କୃତି ଶୀର୍ଷକ ଉପରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ଡା. ଗୋପୀନାଥ ବାଗ ଅଧ୍ୟକ୍ଷତା କରିଥିଲେ। ଆଲୋଚକ ଭାବେ ଡିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପକ ଡା. ଦୋଳଗୋବିନ୍ଦ ବିଶି ଓ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ ଇଂଲିଶ ପ୍ରାଧ୍ୟାପକ ସାମୁଏଲ ଦାନୀ ଯୋଗଦାନ କରିଥିଲେ। ପୁନଶ୍ଚ ଲୋକ ସାହିତ୍ୟର ସଂଗ୍ରହ ଓ ଭବିଷ୍ୟତ ଶୀର୍ଷକ ଉପରେ ୨ୟ ଅଧିବେଶନରେ ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅବସରପ୍ରାପ୍ତ ପ୍ରାଧ୍ୟାପକ ବିଜୟ କୁମାର ବାରିକ ଅଧ୍ୟକ୍ଷତା କରିଥିଲେ। ଏଥିରେ ଆଲୋଚକ ଭାବେ ଜୟପ୍ରକାଶ ସାନ୍ଧ୍ୟ ମହାବିଦ୍ୟାଳୟ ଅଧ୍ୟାପକ ପରମେଶ୍ୱର ମୁଣ୍ଡ, ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ତଥା ଗବେଷକ ଡା. ସଞ୍ଜୟ କୁମାର ମିଶ୍ର ଓ ବିଶିଷ୍ଟ ସାହିତ୍ୟକ ଡା. ଲକ୍ଷ୍ମଣ ମେହେର ଯୋଗଦାନ କରିଥିଲେ। ଉଦ୍‌ଘାଟନୀ ସମାରୋହ ଓ ପ୍ରଥମ ଅଧିବେଶନରେ ଅଧ୍ୟାପକ ରୁଦ୍ରମାଧବ ବାରିକ ଏବଂ ୨ୟ ଅଧିବେଶନରେ ସାହିତ୍ୟକ ଗୌରାଙ୍ଗ କୁମାର ସାହୁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ କବି ପ୍ରେମାନନ୍ଦ ମେହେର ଓ ନାଟ୍ୟକାର ଅଶୋକ କୁମାର ବେହେରା ପ୍ରଥମ ଓ୨ୟ ଅଧିବେଶନରେ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପଟ୍ଟାୟତ କବି ନୀଳଲୋହିତ ସିଂଦେବ, ସନାତନ ମହାଉତି, କୈଳାସ ବାଗ, ଶିରୀଶଙ୍କର ବାରିକ, ଖରତ ଚନ୍ଦ୍ର ବାରିକ, ଅଶେଷା ବାଘ, ରୁକ୍ମିଣୀ ବାଘ, ବୈଷ୍ଣବ ଦୁରିଆ, ଗୋବର୍ଦ୍ଧନ ସାହୁ, ଅସୀମା ବାଘ, ପବିତ୍ର ମୋହନ ପ୍ରଧାନ, ରମାକାନ୍ତ ସିଂହ ସାହାଣୀ, ଚତୁର୍ଭୁଜ ସିଂଦେଓ, ବ୍ରଜମୋହନ ମେହେର, ଉମାକାନ୍ତି କୁମ୍ଭାର, ଡା. ସୁଶାନ୍ତ କୁମାର ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ଟ୍ରେନ୍‌ରେ କଟି ଯୁବକ ମୃତ**

ବରପାଲି,(ଡି.ଏନ.ଏ.): ବରଗଡ଼ ଜିଲା ବରପାଲି ନିକଟସ୍ଥ ଖେମେଶରା ଗ୍ରାମ ନିକଟରେ ଭୁବନେଶ୍ୱର-ବଲାଙ୍ଗୀର ଇଣ୍ଟରସିଟି ଟ୍ରେନ ଧକ୍କାରେ ରବିବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳିନାହିଁ। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ (ସନ୍ଧ୍ୟା ୬ଟା) ରେଲୱେ ପୋଲିସ ଘଟଣାସ୍ଥଳରେ ପହଞ୍ଚିନାହିଁ।

## ସଂକ୍ଷେପରେ

### ଢାବାରୁ ଶିଶୁ ଶ୍ରମିକ ଉଦ୍ଧାର

ବୌଦ୍ଧ,୯।୧୦(ସ୍ୱ.ପ୍ର.)- ବୌଦ୍ଧ ଥାନା ଅନ୍ତର୍ଗତ ବାମଣ୍ଡା ଗ୍ରାମ ନିକଟରେ ଥିବା ଏକ ଢାବା ଉପରେ ଚଢାଉ କରାଯାଇ ଜଣେ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିବା ଜଣାଯାଇଛି। ପ୍ରକାଶ ଯେ, ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ବାମଣ୍ଡା ଗ୍ରାମ ନିକଟସ୍ଥ ଏକ ଢାବାରେ ଜଣେ ଶିଶୁ ଶ୍ରମିକ କାର୍ଯ୍ୟ କରୁଥିବା ନେଇ ବୌଦ୍ଧ ଚାଇଲ୍ଡ ଲାଇନକୁ ସୂଚନା ମିଳିବା ପରେ ଏ ସଂପର୍କରେ ଜିଲା ଶିଶୁ ମଙ୍ଗଳ ସମିତିକୁ ଅବଗତ କରାଯାଇଥିଲା। ଶିଶୁ ମଙ୍ଗଳ ସମିତିର ଅଧକ୍ଷ ସାକ୍ଷୀଗୋପାଳ ପ୍ରଧାନ ଓ ଚାଇଲ୍ଡ ଲାଇନର ସଦସ୍ୟମାନେ ଉକ୍ତ ଢାବା ଉପରେ ଚଢାଉ କରି ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଥିଲେ । ତାଙ୍କୁ ଜିଲା ଶିଶୁ ମଙ୍ଗଳ କାର୍ଯ୍ୟାଳୟକୁ ଅଣାଯାଇଥିଲା। ଏ ନେଇ ବିହତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦିଆଯାଇଛି। ଜିଲାକୁ ଶିଶୁ ଶ୍ରମିକ ମୁକ୍ତ କରିବା ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଉଥିବା ଏବଂ ଅନୁଷ୍ଠାନ କାର୍ଯ୍ୟ କରୁଥିଲେ ମଧ ବିପଦପୂର୍ଣ୍ଣ କାର୍ଯ୍ୟରେ ଶିଶୁମାନଙ୍କୁ ନିୟୋଜିତ କରାଯାଉଥିବା ଦେଖିବାକୁ ମିଳୁଛି । ଏ ଦିଗରେ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସରକାରୀ ବିଭାଗ ଯତ୍ନବାନ ହେଲେ ଜିଲା ଶିଶୁ ଶ୍ରମିକ ମୁକ୍ତ ହୋଇପାରିବ ବୋଲି ମତପ୍ରକାଶ ପାଇଛି।

### ମହମ୍ମଦ ଜୟନ୍ତୀରେ ରକ୍ତଦାନ ଶିବିର

ପଦ୍ମପୁର,୯।୧୦(ଡି.ଏନ.ଏ.): ବରଗଡ ଜିଲା ପଦ୍ମପୁର ସୁନ୍ନୀ ମୁସଲିମ ସମ୍ପ୍ରଦାୟ ତରଫରୁ ମହମ୍ମଦ ଜୟନ୍ତୀ ଅବସରରେ ରକ୍ତଦାନ ଶିବିର ସ୍ଥାନୀୟ ମସଜିଦ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଖଣ୍ଡ ଚିକିତ୍ସାଧିକାରୀ ଡାକ୍ତର ଯଦୁମଣି ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପଦ୍ମପୁର ରକ୍ତଭଣ୍ଡାର କର୍ମଚାରୀ ସଂଗ୍ରାମ କେଶରୀ ମାହୁନ୍ତ, ଦୀପକ କୁମାର ସାହୁ, କିଶୋର ପ୍ରଧାନ, ଜିତେନ୍ଦ୍ର ଗୁର୍ଲା, ଜିତେନ ଦାସ, ରତ୍ନମଣି ଶତପଥୀ, ନିରୋଜ ଦୋରା, ପ୍ରଦୀପ୍ତ କିଶୋର ଦାଶ, ଅଶ୍ୱିନୀ ଧରୁଆ ପ୍ରମୁଖ ସହଯୋଗ କରିଥିଲେ। ଏହାପୂର୍ବରୁ ଏକ ବିରାଟ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ସୁକ୍ରିୟା, ସଦାବ, ସୋହେଲ, ସୁଲେମାନ, ସୋନା, ୱସିମ, ସହିଲ, ଅଦିବ, ଅସିଫ, ନଜମୁଲ, ମନସୁର, ଜାବେଦ, ଜାହିଦ, ସାଜିଦ, ୱହିଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଗୋକୁଳାଷ୍ଟମୀ ମହୋତ୍ସବ ପାଇଁ ପ୍ରସ୍ତୁତି

ବିନିକା,୯।୧୦(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବିନିକା ସହରର କଂସାରୀପଡା ୨୩୯ତମ ଗୋକୁଳାଷ୍ଟମୀ ମହୋତ୍ସବ ପାଇଁ ରବିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କଂସାରୀପଡା ବ୍ରଜ ବିହାରୀ ନୃତ୍ୟ କଳା ସଂଘ ସଭାପତି ପ୍ରସନ୍ନ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଗୋକୁଳାଷ୍ଟମୀ ମହୋତ୍ସବ ଆସନ୍ତା ନଭେମ୍ବର ୧୩ରୁ ୨୦ତାରିଖ ପର୍ଯ୍ୟନ୍ତ ଆଡମ୍ବରପୂର୍ଣ୍ଣ ଭାବେ ପାଳନ କରାଯିବ ବୋଲି କମିଟି ତରଫରୁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏଥର ବିଶେଷ ଆକର୍ଷଣ କଂସ ଦରବାର, ଶ୍ରୀକୃଷ୍ଣଙ୍କ ବାଲ୍ୟ ଲୀଳା, ମୀନାବଜାର, ଅର୍କେଷ୍ଟ୍ରା, ଏବଂ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ବୈଠକରେ କମିଟି ସମ୍ପାଦକ ସଞ୍ଜୟ କୁମାର ଦାସ, ଉପସଭାପତି ରାମଚନ୍ଦ୍ର ଦାସ, ସଂସ୍କୃତିକ ସମ୍ପାଦକ ପଦ୍ମଲୋଚନ ସାହୁ ଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# କଳିଙ୍ଗ ଯୁବକ ସଂଘକୁ ହରାଇଲା ଲେଣ୍ଡା

ବରଗଡ଼ ଅଫିସ୍,୯।୧୦



ସୁପ୍ରିୟା ସ୍ମାରକୀ ଫୁଟବଲ ପ୍ରତିଯୋଗିତା ଉଦଘାଟନୀ ସମାରୋହରେ ଅତିଥିବୃନ୍ଦ।

**ସୁପ୍ରିୟା ସ୍ମାରକୀ ଫୁଟବଲ ଉଦ୍‌ଘାଟିତ**

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ରବିବାର ସୁପ୍ରିୟା ସ୍ମାରକୀ ନକ୍ ଆଉଟ୍ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ କିଶୋର କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଧାୟକ ଆଚାର୍ଯ୍ୟ ନବୀକରଣ ହୋଇଥିବା ଦର୍ଶକ ଗ୍ୟାଲେରୀ ଏବଂ ନବନିର୍ମିତ ସେଡ୍‌କୁ ମଧ୍ୟ ଉଦ୍‌ଘାଟନ କରିଥିଲେ। ସମାରୋହରେ କ୍ରୀଡ଼ା ସଂସଦ ଉପସଭାପତି ଯୁଗଳ ପ୍ରସାଦ ସିଂ, ପୂର୍ବତନ ସମ୍ପାଦକ ପ୍ରଭାତ ଆଦିତ୍ୟ ମିଶ୍ର, ଫୁଟବଲ ସମ୍ପାଦକ ସେକ୍ ସବଦର, କୋଷାଧ୍ୟକ୍ଷ ଶୁଭ୍ରାଂଶୁ ଶେଖର ମହାପାତ୍ର, ଆଉଟ୍‌ଡୋର୍ ଗେମ୍ସ ସମ୍ପାଦକ ସୁରେଶ ଦାଶ, ଜିଲା କ୍ରିକେଟ ସଂଘ ସଭାପତି ହରିହର ପ୍ରଧାନ, କ୍ରୀଡ଼ା ସଂସଦ କାଉନସିଲ ସଦସ୍ୟ ବିଷ୍ଣୁପ୍ରସାଦ ଧାନୁକା, ଦିଲୀପ ସାୱାଡ଼ିଆ, ପୂର୍ବତନ କ୍ରିକେଟ ସମ୍ପାଦକ ସୁବ୍ରତ ଚାଟାର୍ଜୀ, ଜିଲା କ୍ରୀଡ଼ା ଅଧିକାରୀ ତୁଷାରକାନ୍ତି ମିଶ୍ର, ପ୍ରାକ୍ତନ ଫୁଟବଲ ଖେଳାଳି ଅତୀଶ ପଣ୍ଡା, ଜ୍ଞାନରଞ୍ଜନ ପୂଜାରୀ, ପ୍ରେମନାଥ ଗିରି ପ୍ରମୁଖ ଉପସ୍ଥିତ ଥିଲେ। ଲେଣ୍ଡା କ୍ରୀଡ଼ା ସଂସଦ ଏବଂ କଳିଙ୍ଗ ଯୁବକ ସଂଘ କଟକିଆ ପଡ଼ା ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ହୋଇଥିଲା। ଏଥିରେ ଲେଣ୍ଡା ଦଳ ୪-୦ରେ ବିଜୟୀ ହୋଇଥିଲା। ଦଳର ଫକୀର ମେହେର ଏକାକୀ ୩ ଗୋଲ ସ୍କୋର କରିଥିଲେ। ସୁରେଶ ଦାଶ ମ୍ୟାଚ୍ ପରିଚାଳନା କରିଥିଲେ। ଶୁଭମ ପାତ୍ର, ପୂର୍ଣ୍ଣଚନ୍ଦ୍ର ଭୁଏ, ରଞ୍ଜୁ ଛତ୍ରିଆ, ଉମାକାନ୍ତ ସାହୁ ସହଯୋଗ କରିଥିଲେ। ସଚ୍ଚିଦାନନ୍ଦ ପଣ୍ଡା କମିଶନର ଦାୟିତ୍ୱ ତୁଲାଇଥିଲେ।

# ‘ଏକାଗ୍ରତା ଆଣିଛି ସଫଳତା’

ସୋନପୁର,୯।୧୦(ନି.ପ୍ର.)


ପାୟଲ ବାଗ।

ସୁବର୍ଣ୍ଣପୁର ସହର ଟିକିରିପଡାର ପାୟଲ ବାଗ ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ୨୫୭ତମ ସ୍ଥାନ ଅଧିକାର କରିଛନ୍ତି। ପାୟଲ ହେଉଛନ୍ତି ସସ୍ମିତା ବାଗ ଓ ସୋନପୁର କଲେଜର ମୁଖ୍ୟ କିରାଣୀ ପ୍ରମୋଦ ବାଗଙ୍କ କନିଷ୍ଠ କନ୍ୟା। ପାୟଲ ଚତୁର୍ଥ ଆଟେମ୍ପ୍‌ଟରେ ସେ ଏହି ସଫଳତା ପାଇଛନ୍ତି। ନିଷ୍ଠା ଓ ଏକାଗ୍ରତା ପାଇଁ ତାଙ୍କୁ ଏହି ସଫଳତା ମିଳିଛି। ମା, ବାପା, ବଡ ଭାଇ ଓ ଗୁରୁଜନଙ୍କୁ ସେ ଏହି ସଫଳତାର ଶ୍ରେୟ ଦେଇଛନ୍ତି। ରାଜ୍ୟ ସରକାର ତାଙ୍କୁ ଯେଉଁ ଦାୟିତ୍ୱ ଦେବେ ସେ ନିଷ୍ଠାର ସହ ସମ୍ପାଦନ କରିବେ। ତେବେ ଭବିଷ୍ୟତରେ ଆଇଏଏସ୍ ହେବାକୁ ସେ ଲକ୍ଷ୍ୟ ରଖିଥିବା କହିଛନ୍ତି। ପାୟଲ ସୋନପୁର ସେଣ୍ଟ ଆନିସ କନଭେଣ୍ଟ ସ୍କୁଲରେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢିଛନ୍ତି। ସୋନପୁର କଲେଜରେ ଯୁକ୍ତ ୨ ବିଜ୍ଞାନ ଓ ଭବାନୀପାଟଣା ସରକାରୀ କଲେଜରେ ମେକାନିକାଲ ଇଞ୍ଜିନିୟରିଂରେ ବିଟେକ୍ କରିଥିଲେ। ପରେ ଭୁବନେଶ୍ୱର ସ୍ଥିତ ସେଣ୍ଟ୍ରାଲ ଟୁଲ୍ସ ଏଣ୍ଡ ଟ୍ରେନିଂ ସେଣ୍ଟର(ସିଟିଟିସି)ରେ କିଛି ବର୍ଷ ଅଧ୍ୟାପନା କରିଛନ୍ତି। ତେବେ ଓସିଏସ୍ ପରୀକ୍ଷା ପାଇଁ ସେ ଅଧ୍ୟାପନା ଚାକିରି ଛାଡିଥିଲେ।

# ଜିଲା ରେଳ ଉପଭୋକ୍ତା ସଂଘର ବୈଠକ


ବୈଠକରେ ଉପସ୍ଥିତ ରେଳ ଉପଭୋକ୍ତା ସଂଘର କର୍ମକର୍ତ୍ତା।

ସୋନପୁର,୯।୧୦(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ରେଳ ଉପଭୋକ୍ତା ସଂଘର ଏକ ବୈଠକ ସଂଘର ସଭାପତି ଗୋରେଖନାଥ ସାହୁଙ୍କ ଅଧକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। କୋସଲ ସାହିତ୍ୟ ସଂସ୍କୃତି ଏକାଡେମୀ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ସଂଘର କାର୍ଯ୍ୟକାରୀ କମିଟିର ସମସ୍ତ ସଭ୍ୟ ଯୋଗଦେଇ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବ ଓ ପ୍ରତିବନ୍ଧକ ସମ୍ପର୍କରେ ଆଲୋଚନା କରିଥିଲେ। ହାତୀ ଚଲାପଥ ଆଳରେ ଏହି ରେଳପଥ କାମ ଅଟକିଥିବାରୁ ବୈଠକରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ଏକ ପ୍ରତିନିଧି ଦଳ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଭେଟିବାର ନିଷ୍ପତ୍ତି ହୋଇଥିଲା। ଲୋକମତକୁ ଆଖି ଆଗରେ ରଖି ଝାରତରଭାରେ ତରଭା ଷ୍ଟେଶନ ଓ ତରଭା ନିକଟରେ ତରଭା ରୋଡ ଷ୍ଟେଶନ ଦାବିକୁ ବୈଠକରେ ସମର୍ଥନ କରାଯାଇଥିଲା। ସେହିପରି ଡୁଙ୍ଗୁରିପାଲିରେ ଇସ୍ପାତ ଏକ୍ସପ୍ରେସ ଓ ଇଣ୍ଟରସିଟି ଏକ୍ସପ୍ରେସ ରହଣୀ ସକାଶେ ଦାବି ହୋଇଥିଲା। ସୁବର୍ଣ୍ଣପୁର, ବଲାଙ୍ଗୀର, ବରଗଡ, ବୌଦ୍ଧ, କଳାହାଣ୍ଡି ଓ ନୂଆପଡା ଜିଲାକୁ ମିଶାଇ ପଶ୍ଚିମ ଓଡିଶା ରେଳ ଉପଭୋକ୍ତା ସଂଘ ଗଠନ କରି ପଞ୍ଜିକରଣ ନିମନ୍ତେ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଛି। ବୈଠକରେ ସଂଘର ଉପସଭାପତି ପ୍ରଫେସର ଶମ୍ଭୁଭୂଷଣ ପଣ୍ଡା, କୋଷାଧକ୍ଷ ନିତ୍ୟାନନ୍ଦ ମାଝୀ, ଯୁଗ୍ମ ସମ୍ପାଦକ ମନୋରଞ୍ଜନ ପାଣିଗ୍ରାହୀ, ସଭ୍ୟ ପ୍ରଫେସର ନାରାୟଣ ପ୍ରସାଦ ରାୟଗୁରୁ, ଡ. ଜ୍ୟୋତିରଞ୍ଜନ ବହିଦାର, ଅଶୋକ କୁମାର ସାହୁ, ପବିତ୍ର ମୋହନ ପାଣ୍ଡିଆ, ଯୁଗଳ କିଶୋର ମିଶ୍ର ଓ ମୀନା ମହାରଣା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଂଘର ସମ୍ପାଦକ ଦିଲୀପ କୁମାର ରଥ ଧନ୍ୟବାଦ ପ୍ରଦାନ କରିଥିଲେ।

### ନାଳକୁ ଗାଧୋଇବାକୁ ଯାଇ ମହିଳା ମୃତ

ଡୁଙ୍ଗୁରିପାଲି, ୯।୧୦(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ଥାନ ଅଧିନ ଧାନବସା ଗ୍ରାମ ପାଖ ନାଳରେ ପଡି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ବିଳାସିନୀ ମେହେର(୫୫)। ସବୁଦିନ ପରି ଗାଁ ପାଖ ନାଳରେ କପଡା ଧୋଉଥିବା ସମୟରେ ସେ ଘାଟରେ ପଡିଯାଇଥଲେ। ସେଠାରୁ ତାଙ୍କୁ ଉଦ୍ଧାର କରି ପରିବାର ଲୋକେ ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାମପୁର ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବିନିକା ପଠାଇଥିବା ଏଏସଆଇ ସୁରଞ୍ଜି ସେଠୀ କହିଛନ୍ତି।

### ରାମପୁରରେ ୪୬ତମ ଗଜଲକ୍ଷ୍ମୀ ପୂଜା


ରାମପୁର ମଣ୍ଡପରେ ଗଜଲକ୍ଷ୍ମୀ।

ଡୁଙ୍ଗୁରିପାଲି, ୯।୧୦(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ୪୬ତମ ଗଜଲକ୍ଷ୍ମୀ ପୂଜା ପାଇଁ ରବିବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗୁଡିବନ୍ଧରୁ ପୂର୍ଣ୍ଣ ଜଳ କଳସ ଅଣାଯାଇ ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। ଚଳିତ ବର୍ଷ ଧୁମଧାମରେ ପୂଜା ପାଳନ କରାଯିବ ବୋଲି କମିଟି ସଭାପତି ପ୍ରକାଶଚନ୍ଦ୍ର ଅଗ୍ରୱାଲ ପ୍ରକାଶ କରିଛନ୍ତି। ପୂଜା ଆସନ୍ତା ୧୪ତାରିଖ ପର୍ଯ୍ୟନ୍ତ ଚାଲିବ। ମୁରାସୁର ଦରବାର ସହ ଓଡିଶା ସରକାରଙ୍କ ସ୍ୱୀକୃତିପ୍ରାପ୍ତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ବିଶେଷ ଆକର୍ଷଣ ହେବ। ପୂଜାକର୍ତ୍ତାଭାବେ ବୁଲୁ ମେହେର ଓ ତାଙ୍କ ଧର୍ମପତ୍ନୀ ଅଞ୍ଜନ ମେହେର ଦାୟିତ୍ୱ ତୁଲାଉଛନ୍ତି। ଉପସଭାପତି ଅଭିନାଶ ମେହେର, ସମ୍ପାଦକ ପିଣ୍ଟୁ ମେହେର ସହସମ୍ପାଦକ ସୁମନ୍ତ ମେହେର, କମିଟି କର୍ମକର୍ତ୍ତା ପ୍ରଫୁଲ୍ଲ ମେହେର, ଘନଶ୍ୟାମ ମେହେର, ଗୋପି ସରାପ ପ୍ରମୁଖ ପୂଜା ଆୟୋଜନରେ ସହଯୋଗ କରୁଛନ୍ତି। କଳସ ଶୋଭାଯାତ୍ରାରେ ସମାଜସେବୀ ଉମେଶ ପୂଜାରୀ, ସ୍ଥାନୀୟ ସରପଞ୍ଚ ମନୋଜ କୁମାର ପୁରୋହିତ ଓ ପୂଜା କମିଟି ସଦସ୍ୟ ସାମିଲ ଥିଲେ।

# ‘ରବି ଥିଲେ ନିର୍ଭୀକ, ସମ୍ବେଦନଶୀଳ ଚେତନା’

ବଲାଙ୍ଗୀର ଅଫିସ, ୯।୧୦

**ଦି ବିବିଲିଓଫାଇଲ୍ସ ପକ୍ଷରୁ ଶ୍ରଦ୍ଧାଞ୍ଜଳି**

ପ୍ରଫେସର ରବିଶଙ୍କର ପାଣ୍ଡିଆ ଥିଲେ ଜଣେ ନିର୍ଭୀକ ଓ ସମ୍ବେଦନଶୀଳ ଚେତନା। ତାଙ୍କ ଭଳି ଅଧ୍ୟାପକ ବିରଳ। ଶିକ୍ଷାନୁଷ୍ଠାନର ଶୈକ୍ଷିକ ବାତାବରଣ ଫେରାଇ ଆଣିବା ପାଇଁ ସେ ନିଜ ଜୀବନକୁ ବାଜି ଲଗାଇ ଦେଇ ଅଣଛାତ୍ରଙ୍କ ଆକ୍ରମଣକୁ ଖାତିର କରି ନ ଥିଲେ। ତାଙ୍କ ଯୋଗୁଁ ବଲାଙ୍ଗୀର ରାଜେନ୍ଦ୍ର କଲେଜରେ ଶୈକ୍ଷିକ ବାତାବରଣରେ ସୁଧାର ଆସିଥିଲା। ତାଙ୍କ ଗଭୀର ନିଷ୍ଠା ଓ ପରିଶ୍ରମ ଯୋଗୁଁ ରାଜେନ୍ଦ୍ର କଲେଜ ଆଜି ବିଶ୍ୱବିଦ୍ୟାଳୟ ମାନ୍ୟତା ଲାଭ କରିଛି। ତାଙ୍କର କଲମ ମୂନରେ ସମାଜର ବଞ୍ଚିତ ବର୍ଗ, ଶୁକୁରୁ ତୁଗୁରଙ୍କ ନ୍ୟାୟପୂର୍ଣ୍ଣ ଲଢ଼େଇ ଓ ଅଧିକାରର କଥା ଝଲସି ଉଠୁଥିଲା। ତାଙ୍କ ଭଳି ଜଣେ ପ୍ରତିଭାବାନ ବ୍ୟକ୍ତି ଓ ବହୁପାଠୀ ବୁଦ୍ଧିଜୀବୀଙ୍କୁ ହରାଇ ଆମ ସମାଜ ବହୁ ଗୁଣରେ ନିସ୍ୱ ହୋଇଛି ବୋଲି ବହୁ ବକ୍ତା ରବିବାର ଦି ବିବିଲିଓଫାଇଲ୍ସ ପକ୍ଷରୁ ଆୟୋଜିତ ଏକ ଆଭାସୀ ଶ୍ରଦ୍ଧାଞ୍ଜଳି ସଭାରେ ମତପ୍ରକାଶ କରିଛନ୍ତି।

ଅନୁଷ୍ଠାନ ସଭାପତି ଅଧ୍ୟାପକ କିଶୋର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାକୁ ଅଧ୍ୟାପକ ଡ. ସର୍ବେଶ୍ୱର ପ୍ରଧାନ ପରିଚାଳନା କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ସ୍ୱନାମଧନ୍ୟ ପ୍ରଫେସର ସ୍ୱାଧୀନ ପଟ୍ଟନାୟକ, ପ୍ରୀତୀଶ ଆଚାର୍ଯ୍ୟ, ଶଶୀଭୂଷଣ ରଥ, ଲୋଇସିଂହା ବିଧାୟକ ଡ ମୁକେଶ ମହାଲିଙ୍ଗ, ସ୍ୱର୍ଗତ ପାଣ୍ଡିଆଙ୍କ ସୁପୁତ୍ର ବିପ୍ଳବ କେଶରୀ ପାଣ୍ଡିଆ, ବଡଭାଇ ଅବସରପ୍ରାପ୍ତ ଶିକ୍ଷକ ସୁଶୀଳ କୁମାର ପାଣ୍ଡିଆ, ଶିକ୍ଷାବିତ୍ ହରିବନ୍ଧୁ ପାଣିଗ୍ରାହୀ, ବିଜୟ କୁମାର ମହାପାତ୍ର, ପ୍ରଶାନ୍ତ କୁମାର ଯୋଷୀ, ରାଜେଶ ଝାଙ୍କର, ଶିବଶଙ୍କର ନନ୍ଦ, ସୀମାଚଳ ମିଶ୍ର, ଡ. ସୁଜିତ କୁମାର ପୃଷେଠ୍, ବୀରେନ୍ଦ୍ର କୁମାର ଝାଙ୍କର, ସିଦ୍ଧେଶ୍ୱର ପ୍ରଧାନ, ଡ ନରେନ୍ଦ୍ର ପ୍ରଧାନ ସ୍ୱର୍ଗତ ପାଣ୍ଡିଆଙ୍କ ବହୁମୁଖୀ ବ୍ୟକ୍ତିତ୍ୱ ଓ ଜୀବନୀ ଉପରେ ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବାଥ୍ ୟୁନିଭର୍ସିଟିର ପ୍ରଫେସର ଅଜିତ ମିଶ୍ରଙ୍କ ଭାବପୂର୍ଣ୍ଣ ବାର୍ତ୍ତାକୁ ପାଠ କରାଯାଇଥିଲା। ସଭା ପ୍ରାରମ୍ଭରେ ସ୍ୱର୍ଗତ ପ୍ରଫେସର ପାଣ୍ଡିଆଙ୍କ ଏକ ପୁରୁଣା ଭିଡିଓ କ୍ଲିପ୍‌କୁ ପ୍ରଦର୍ଶନ କରାଯାଇଥିଲା। ଶେଷରେ ଗାନ୍ଧୀଙ୍କ ପ୍ରିୟ ଭଜନ ବୈଷ୍ଣବ ଜନତୋ ପରିବେଷଣ କରାଯାଇ ଗାନ୍ଧୀବାଦୀ ସ୍ୱର୍ଗତ ପାଣ୍ଡିଆଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସ୍ୱର୍ଗତ ପାଣ୍ଡିଆଙ୍କ ସ୍ମୃତିରକ୍ଷା ଓ ବିଚାରଗତ ଆଦର୍ଶ ଉପରେ କାର୍ଯ୍ୟ କରିବାକୁ ସମସ୍ତ ସଦସ୍ୟ ମତପ୍ରକାଶ କରିଥିଲେ।

# ଦୁଃଖୀଙ୍କ ବନ୍ଧୁ ଥିଲେ ଗୋପବନ୍ଧୁ

ବରଗଡ଼ ଅଫିସ୍,୯।୧୦


କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୧ ନିଗମାନନ୍ଦ ବିହାରରେ ରବିବାର ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲା ସଂସ୍କୃତି ଅଧିକାରୀ ସନ୍ତ୍ରାସ ନାରାୟଣ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଡଃ ଡୋଲାମଣି ଶତପଥି ମୁଖ୍ୟବକ୍ତା ଭାବେ ଯୋଗଦେଇ ଉତ୍କଳମଣି ଦୁଃଖୀ, ଦରିଦ୍ରଙ୍କ ବନ୍ଧୁ ଥିଲେ ବୋଲି ବକ୍ତବ୍ୟରେ କହିଥିଲେ। ସ୍ଥାନୀୟ ଦୁର୍ଗାପୂଜା କମିଟି ସଭାପତି ସଦାଶିବ ସାହୁ, ସମ୍ପାଦକ ନବୀନ ସାବତ, ଜିଲା ରଜକ ସେବା ସମିତି ଅଧ୍ୟକ୍ଷ ଅର୍ଜୁନ ସେଟ୍, ସାହିତ୍ୟିକ ଦାମୋଦର ସାହୁ, ଅଧ୍ୟାପକ ସୁରେଶ ବାରିକ, ରବି ନାରାୟଣ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ଓଡ଼ିଶାର ଗର୍ବ ଓ ଗୌରବ ବୋଲି ଅଭିହିତ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଦୀପ ସାହୁ, ପ୍ରମୋଦ ସାହୁ, ଶରତ ଦାଶ, ଚନ୍ଦ୍ରମଣି ଦାଶ, ଧର୍ମେନ୍ଦ୍ର ପତି, ଶେଖର ବହିଦାର, ବାଙ୍କା ବିହାରୀ ସାହୁ ପ୍ରମୁଖ ସହଯୋଗ କରିଥିଲେ। କମିଟିର ସମ୍ପାଦକ ଟିକେଲାଲ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଉଁଶୁଣୀରେ ଗଜଲକ୍ଷ୍ମୀ ପୂଜା


ମଣ୍ଡପରେ ପୂଜା ପାଉଥିବା ମା’ ଗଜଲକ୍ଷ୍ମୀ।

ବାଉଁଶୁଣୀ,୯।୧୦(ଡି.ଏନ.ଏ.)

ବୌଦ୍ଧ ଜିଲା ବାଉଁଶୁଣୀ ଛକ ଗଜଲକ୍ଷ୍ମୀ ପୂଜା କମିଟି ତରଫରୁ ରବିବାର ଗଜଲକ୍ଷ୍ମୀ ପୂଜା ପାଳିତ ହୋଇଯାଇଛି। କର୍ତ୍ତା ଭାବେ ସୁଦାମ ଦାସ ପୂଜାକାର୍ଯ୍ୟ ତୁଲାଇଥିଲେ। ସଭାପତି ଅଶ୍ୱିନୀ ସାହୁ, ସମ୍ପାଦକ କାଳିଆ ନାଏକ ଙ୍କ ସମେତ ରମେଶ ଗରିଆ, ପ୍ରମୋଦ ମେହେର, ଅବିନାଶ ମିଶ୍ର, ଦେବାଶିଷ ନେପାକଙ୍କ ସମେତ ଗଜଲକ୍ଷ୍ମୀ ପୂଜା କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଏହାସହିତ ବୈଦ୍ୟନାଥପୁର ଗଜଲକ୍ଷ୍ମୀ ପୂଜା କମିଟି ତରଫରୁ ୨୫ତମ ପୂଜା ଅନୁଷ୍ଠିତ ହୋଇଯାଇଛି। କର୍ତ୍ତା ଭାବେ ଭକ୍ତିସିଦ୍ଧାନ୍ତ ଭୋଇ ଦାୟିତ୍ୱ ନିର୍ବାହ କରୁଛନ୍ତି।

# କୁଷ୍ଠାଶ୍ରମରେ ନୂଆଁଖାଇ ଭେଟ୍

ବରଗଡ଼ ଅଫିସ୍,୯।୧୦

ବରଗଡ଼ ସହର ଉପକଣ୍ଠ ମୁଣ୍ଡାପଡ଼ାରେ ରବିବାର ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସଂଘ ସଭାପତି ନାସିର୍ ଖାନ୍ ସଭାପତିତ୍ୱ କରିଥିଲେ। ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି, ସାମାଜିକ କର୍ମୀ ଜଗଦୀଶ ଲୁହା ମୁଖ୍ୟ ବକ୍ତା, ସର୍ଦ୍ଦାର ପ୍ରୀତମ ସିଂ, ଶିକ୍ଷକ ବିରେନ୍ଦ୍ର କୁମାର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ସାହିତ୍ୟିକ ଅଶୋକ କୁମାର ପୂଜାହାରୀ, କାଉନସିଲର ରୀନା ମହାପାତ୍ର, ସାମାଜିକ କର୍ମୀ ବାବୁଲୁ ରାଓ, କୁରୁଆଁ ସରପଞ୍ଚ ପୁଷ୍ପାଞ୍ଜଳି କଲତା, ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘ ପକ୍ଷରୁ କୁଷ୍ଠାଶ୍ରମ ଅନ୍ତେବାସୀଙ୍କୁ ବସ୍ତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଜେଡ଼ି ନଗର ସଭାପତି କିଶୋର ମିଶ୍ର, ସାମାଜିକ କର୍ମୀ ଦିଲୀପ ସାୱାଡ଼ିଆ, ରିଙ୍କେଶ ମିଶ୍ର, ଦିବାକର ମାଝି, ଚିତ୍ରସେନ ବିଶ୍ୱାଳ, ଆଶୁକବି ଜଟାଧାରୀ ପ୍ରଧାନ ପ୍ରମୁଖ ନିମନ୍ତ୍ରିତ ଅତିଥି ଭାବେ ଯୋଗଦାନ କରିଥିଲେ। ସମ୍ପାଦକ ବିପିନ ବିହାରୀ ଦାଶ ସଭା ସଂଯୋଜନା କରିଥିବାବେଳେ ସହ ସମ୍ପାଦକ ମହମ୍ମଦ ଅସଲମ ଧନ୍ୟବାଦ ଅର୍ପଣ କରିଥିଲେ।


ମୁଣ୍ଡାପଡ଼ା କୁଷ୍ଠାଶ୍ରମରେ ଅନୁଷ୍ଠିତ ନୂଆଁଖାଇ ଭେଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

ବୌଦ୍ଧ,୯।୧୦(ସ୍ୱ.ପ୍ର.)


ପୁରୁଣାକଟକରେ ବିଜେଡିର ପଦଯାତ୍ରା।

ବୌଦ୍ଧ ଜିଲା ବିଜେଡି ପକ୍ଷରୁ ରବିବାର ଦିନ ବୌଦ୍ଧ ବିଧାନସଭା ମଣ୍ଡଳୀର ପୁରୁଣାକଟକଠାରେ ଜନସଂପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଲୋକଙ୍କ ପାଖରେ ପହଁଞ୍ଚାଇବା ଉଦ୍ଦେଶ୍ୟରେ ଏହି ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ପଦଯାତ୍ରା ପୁରୁଣାକଟକ ବଜାର ପୂର୍ତ୍ତବିଭାଗ ବଙ୍ଗଳା ଠାରୁ ବାହାରି ବଜାର ପରିକ୍ରମା କରି ଭୈରବୀ ମହାବିଦ୍ୟାଳୟ ପରିସରରେ ଶେଷ ହୋଇଥିବା ବେଳେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜଙ୍ଗଲ ପରିବେଶ ଏବଂ ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯୋଗ ଦେଇଥିଲେ। ଏହି ଜନସମ୍ପର୍କ ପଦଯାତ୍ରାରେ ହରଭଙ୍ଗା ବ୍ଲକର ବିଭିନ୍ନ ପଞ୍ଚାୟତରୁ ଶତାଧିକ ମହିଳା , ପୁରୁଷ କର୍ମୀ ସାମିଲ ହୋଇଥିଲେ । କାର୍ଯ୍ୟକ୍ରମରେ ବୌଦ୍ଧ ଏନଏସି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଜିଲା ବିଜେଡିର ପର୍ଯ୍ୟବେକ୍ଷକ ସୌଭାଗ୍ୟ ନାୟକ, ଜିଲାପରିଷଦ ଅଧକ୍ଷା ପ୍ରଭାସିନୀ ଦାସ, କନ୍ଧମାଳ ଏମ୍‌ପି ପ୍ରତିନିଧି ତାରେଣୀ କୁମାର ମହାପାତ୍ର, ବିଜେଡି ରାଜ୍ୟ ଯୁଗ୍ମ ସମ୍ପାଦକ ଅଶୋକ କୁମାର ସାହୁ ,ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ସୁବୋଧ କୁମାର ପ୍ରଧାନ, ପୂର୍ବତନ ଛତରଙ୍ଗ ସରପଞ୍ଚ ଶୁଶିଲ କୁମାର ପ୍ରଧାନଙ୍କ ସମେତ ଦଳର ବହୁ ନେତା, ସରପଞ୍ଚ ଓ ସମିତି ସଭ୍ୟ ସାମିଲ ଥିଲେ।

## ମା' ଗଜଲକ୍ଷ୍ମୀ ପୂଜା ଆରମ୍ଭ

ନର୍ଲା,(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକସ୍ଥିତ ବସନ୍ତଷ୍ଣଠାରେ ବଣିକ ସଂଘ ପକ୍ଷରୁ ମା' ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। ପୂଜା ପାଇଁ ଶନିବାର ସନ୍ଧ୍ୟାରେ ପୂଜା କମିଟି ନେତୃତ୍ୱରେ ଶତାଧିକ ନରନାରୀମାନେ ଶାନ୍ଦୁଳନଦୀଠାରୁ କଳସରେ ପାଣି ନେଇ ଭଜନ କୀର୍ତ୍ତନ କରି ପୂଜା ମଣ୍ଡପଠାରେ ପହଞ୍ଚିଥିଲେ। ମା' ଗଜଲକ୍ଷ୍ମୀ ପୂଜା ରୀତିନୀତି ଭାବରେ ୩ ଦିନଧରି ଚାଲୁ ରହିବ। ସନ୍ଧ୍ୟା ସମୟରେ ଭଜନ ସମାରୋହ ସହିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି। ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନ ଆୟୋଜନ କରାଯାଇଥିବା ବଣିକ ସଂଘ ସଭାପତି ଅଜୟ କୁମାର ପଣ୍ଡା ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ନିଜ ଆଡୁ ମାମଲା ରୁଜୁ କଲା ଭିଜିଲାନ୍ସ ବିଭାଗ

**୩୯ ଲକ୍ଷ ଟଙ୍କା ହାତେଇ ମହିଳା ଆକାଉଣ୍ଟାଣ୍ଟ ଫେରାର ଘଟଣା**

ଭବାନୀପାଟଣା,୯।୧୦(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଶିକ୍ଷାଧିକାରୀ (ବିଇଓ)ଙ୍କ କାର୍ଯ୍ୟାଳୟର ଶୁଚିସ୍ମିତା ସୁଆର ନାମକ ଜଣେ ମହିଳା ଆକାଉଣ୍ଟାଣ୍ଟ ଏକ୍ସ କ୍ୟାଡର ଶିକ୍ଷକଙ୍କ ଗୋଟିଏ ମାସର ଦରମା ନିଜର ବ୍ୟକ୍ତିଗତ ଆକାଉଣ୍ଟକୁ ୩୯ ଲକ୍ଷ ୩୦ ହଜାର ୪୬୮ ଟଙ୍କା ଟ୍ରାନ୍ସଫର କରି ହଡପ କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ବିଇଓ ଠାକୁର ସାହୁ ଭବାନୀପାଟଣା ଟାଉନ ଥାନାରେ ଅଭିଯୋଗ କରିବା ପରେ ଘଟଣା ଲୋକଲୋଚନକୁ ଆସିଥିଲା। ଏହି ଘଟଣା ନେଇ କଳାହାଣ୍ଡି ଭିଜିଲାନ୍ସ ବିଭାଗ ନିଜ ଆଡୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବିଇଓ ଅଫିସକୁ ପହଞ୍ଚି ସେଠାକାର ସମସ୍ତ କାଗଜପତ୍ରକୁ ଯାଞ୍ଚ କରିଛି ଭିଜିଲାନ୍ସ ବିଭାଗ। ତେବେ ତଦନ୍ତ ପରେ ସବୁ କିଛି ଜଣାପଡିବ ବୋଲି ଭିଜିଲାନ୍ସ ବିଭାଗ ପକ୍ଷରୁ ଜଣାପଡିଛି। ଅନ୍ୟପକ୍ଷରେ ସମ୍ପୃକ୍ତ ମହିଳା ଆକାଉଣ୍ଟାଣ୍ଟ ଜଣକ ଅଫିସରେ ଛୁଟି ଛାଡି ଫେରାର ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ତାଙ୍କ ସମ୍ପର୍କରେ ପୋଲିସ କୌଣସି ସୂଚନା ପାଇ ନ ଥିବା ଜଣାପଡିଛି।

### ବିଷାକ୍ତ ଛତୁ ଖାଇ ୧୩ ଅସୁସ୍ଥ

ଜୁନାଗଡ,୯।୧୦(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବୁଡିଦର ପଞ୍ଚାୟତ ଅନ୍ତର୍ଗତ ତେନ୍ତୁଳିପଦାରେ ବିଷାକ୍ତ ଛତୁ ଖାଇ ଗୋଟିଏ ପରିବାରର ୧୩ଜଣ ଅସୁସ୍ଥ ହୋଇଛନ୍ତି। ସମସ୍ତ ଆକ୍ରାନ୍ତ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ୬ ଛୋଟ ଶିଶୁ ରହିଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଶନିବାର ରାତିରେ ଉକ୍ତ ପରିବାର ଲୋକେ ସ୍ଥାନୀୟ ବାଡିରେ ଥିବା ଏକ ବାଉଁଶ ଗଛର ବାଞ୍ଜି ଛତୁ ଖାଇଥିଲେ। ଏହାର କିଛି ସମୟ ପରେ ସମସ୍ତଙ୍କୁ ମୁଣ୍ଡ ବୁଲାଇବା ସହ ବାନ୍ତି ହୋଇଥିଲା। ଫଳରେ ରାତିରେ ଗୁରୁତର ଅବସ୍ଥାରେ ସ୍ଥାନୀୟ ଏକ ଗାଡି ଯୋଗେ ସମସ୍ତେ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଆକ୍ରାନ୍ତମାନେ ହେଲେ ତେନ୍ତୁଳିପଦାର ଦୀପାଲି ଶବର(୧୬), ଦିବ୍ୟା ଶବର (୨), କିପଲାସ ଶବର (୫), ଲଜିତା ଶବର (୨୪), ଗୁଣ ଶବର (୫), କୃଷ୍ଣ ଶବର (୧୪), ରୂପେଶ ଶବର (୧୦), ବୈଷ୍ଣବୀ ଶବର (୭), ତନୟା ଶବର(୫), କଳମଦେଈ ଶବର (୪୫), ପ୍ରମିଳା ଶବର (୨୪), ଦିଗାମୋହନ ଶବର(୨୪) ଓ କୋକିଳ ଶବର (୧୧) ବୋଲି ଜଣାପଡିଛି।

### ଜିଲାସ୍ତରୀୟ ବକ୍ତୃତା, ସଙ୍ଗୀତ ପ୍ରତିଯୋଗିତା

ଖଡ଼ିଆଳ,୯।୧୦(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଳ ବ୍ଲକ ବରଗାଁ ଗ୍ରାମରେ ସଂଯୋଜକ ଜୟରାମ ଶବରଙ୍କ ବାସଭବନରେ ଜିଲା ଗାୟତ୍ରୀ ପରିବାର ପକ୍ଷରୁ ଜିଲାସ୍ତରୀୟ ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗାୟତ୍ରୀ ପରିବାର ଜିଲା ଯୁବ ପ୍ରଭାରୀ ବ୍ୟାସ ନାରାୟଣ ଅହିର ଅଧକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଗାୟତ୍ରୀ ପରିବାର ଉପଜୋନ ନୂଆପଡା ସଂଯୋଜକ କେତନ ସିଂ ବାରିକ, ସମ୍ମାନିତ ଅତିଥି ଭାବେ ଗାୟତ୍ରୀ ପରିବାର ଉପଜୋନ ସୁମେଶ କୁମାର ଦେବାଙ୍ଗନ, ଜିଲା ମହିଳା ସଂଯୋଜିକା ମମତା ମଞ୍ଜରୀ ଥପା, ଜିଲା ମହିଳା ସହ ସଂଯୋଜିକା ଜୟନ୍ତୀ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ବିଚାରକ ଭାବେ ବରିଷ୍ଠ ସଙ୍ଗୀତଜ୍ଞ ନନ୍ଦଲାଲ ବାରିକ, ତ୍ରିଲୋଚନ ବିଶି,ଦମରୁଲାଲ ରଣା, ଲଳିତ ବାରିକ କୁଳଦୀପ ପ୍ରଧାନ ଯୋଗଦେଇଥିଲେ। ଦେଶାତ୍ମକ ବୋଧ ସଙ୍ଗୀତ ପ୍ରତିଯୋଗିତାରେ ଶତୋରାଣୀ ରାଉତ, ବକ୍ତୃତାରେ ସୁଜ୍ଞାନ ସିଂ ବାରିକ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ୨ଜଣ ପ୍ରତିଯୋଗୀ ଆସନ୍ତା ୧୩ରୁ ୧୬ ତାରିଖରେ ହେବାକୁ ଥିବା ରାଜ୍ୟସ୍ତରୀୟ ଯୁବା ଚେତନା ଶିବିରରେ ଭାଗ ନେବେ। ତୁଳାରାମ ଶବର ଧନ୍ୟବାଦ ଦେଇଥିଲେ।

### ଜାନୁୟାରୀ ୧୫ରୁ ଖଡ଼ିଆଳ ମହୋତ୍ସବ

ଖଡ଼ିଆଳ,୯।୧୦(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଳ ମହୋତ୍ସବ ଆୟୋଜକ କମିଟି ଦ୍ୱାରା ଗତବର୍ଷ ଭଳି ଏହି ବର୍ଷ ମଧ୍ୟ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଜୋର୍ତିବିଦ ପ୍ରଫୁଲ୍ଲ ରଥଙ୍କଠାରୁ ଦିନ ନିର୍ଦ୍ଧାରିତ ହୋଇଛି। ଆସନ୍ତା ୨୦୨୩ ଜାନୁୟାରୀ ୧୫ରୁ ୧୯ ୫ ଦିନ ଧରି ପାଳନ ହେବା ଲାଗି ଧାର୍ଯ୍ୟ କରାଯାଇଛି ଏବଂ ମହୋତ୍ସବ ସ୍ତମ୍ଭ ପୂଜା ଆସନ୍ତା ଡିସେମ୍ବର ୨୭ ତାରିଖରେ ରାଜା ଏଟି ସାଂସ୍କୃତିକ ପଡ଼ିଆରେ ଅନୁଷ୍ଠିତ ହେବ। ଆସନ୍ତା ୧୨ ସକାଳ ୧୦ଟା ୩୦ ରୁ ୧୧ଟା ୪୦ ମଧ୍ୟରେ ଚାନ୍ଦା ଆଦାୟ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଧାର୍ଯ୍ୟ କରାଯାଇଛି।

# ଦେଢ଼ ମାସ ବିତିଲା, କାର୍ଯ୍ୟାନୁଷ୍ଠାନ ନାହିଁ

**ରାତିରେ ପିଡିଏସ ଚାଉଳ ଚୋରା ଚାଲାଣ ଘଟଣା**

ଲାଞ୍ଜିଗଡ,୯।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବେନଗାଁ ପଞ୍ଚାୟତରେ ଗତ ଅଗଷ୍ଟ ୧୮ ତାରିଖ ରାତି ୧୧ଟାରେ ପିଡିଏସ ଚାଉଳ ଚୋରାଚାଲାଣ ଘଟଣାର ଦେଢ଼ ମାସ ବିତିଯାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ତଦନ୍ତ ବାଟମାରଣା ହେଉଥିବା ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିବା ସହ ଦୋଷୀ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛନ୍ତି। ଗତ ଅଗଷ୍ଟ ୧୮ ତାରିଖ ରାତିରେ ଗ୍ରାମବାସୀ ଅଟୋ ସହିତ ୨୪ ପକେଟ ଚାଉଳ ଜାବୁ କରିଥିଲେ। ଏହାପରେ ଚାଉଳ ବୋଝେଇ ଅଟୋ ବେନଗାଁ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ପ୍ରତିବାଦ କରିଥିଲେ। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେବା ପର୍ଯ୍ୟନ୍ତ ଅଟୋ ଓ ଚାଉଳ ଛାଡ଼ିବୁ ନାହିଁ



ବେନଗାଁ ପଞ୍ଚାୟତ କାର୍ଯ୍ୟାଳୟ।

ପଞ୍ଚାୟତ ସମ୍ମୁଖରେ ପ୍ରତିବାଦ କରିବୁ ବୋଲି ପ୍ରକାଶ କରିଥିଲେ ଗ୍ରାମବାସୀ। ଅଭିଯୋଗ ଅନୁସାରେ ବ୍ଲକ ଯୋଗାଣ ଅଧିକାରୀ ହରିହର ସାହୁ ଅଗଷ୍ଟ ୧୯ ତାରିଖରେ ଘଟଣାସ୍ଥଳ ଯାଇ ତଦନ୍ତ କରିଥିଲେ। ଘଟଣାର ୬ ଦିନ ପରେ ବିଡିଓ ଜିତେନ୍ଦ୍ର କୁମାର ମିଶ୍ର ବେନଗାଁ ପଞ୍ଚାୟତକୁ ଯାଇ ତଦନ୍ତ କରିଥିଲେ। ପୁଣିଥରେ ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଧୂମାରାମ ମୁର୍ମୁ, ଏବିଡିଓ ବିଭୁତିଭୂଷଣ ଶତପଥି, ବ୍ଲକ ଯୋଗାଣ ଅଧିକାରୀ ହରିହର ସାହୁ ପ୍ରମୁଖ ତଦନ୍ତ ଆରମ୍ଭ କରିଥିଲେ। ଏ ନେଇ ବ୍ଲକ ଯୋଗାଣ ଅଧିକାରୀ ସାହୁଙ୍କୁ ପଚାରିବାରୁ ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁସାରେ ତଦନ୍ତ ଜାରି ରହିଛି, ସତ୍ୟତା ଯଦି ସାମ୍ନାକୁ ଆସେ ତାହାହେଲେ ଦୋଷୀଙ୍କ ବିରୋଧ କୋଠର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ଜବତ ଚାଉଳ ଲାଖବାହିଲି ଯୋଗାଣ ସହାୟକଙ୍କୁ ହସ୍ତାନ୍ତର କରାଯାଇ ଥିବା ବେଳେ ଅଟୋ ବିଜେପୁର ଥାନାଧିକାରୀଙ୍କୁ ହସ୍ତାନ୍ତର କରାଯାଇଥିଲା। ଚାଉଳ ଚୋରା ଚାଲାଣ କରାଯାଇଥିବାକୁ ନେଇ ସତ୍ୟତା ସାମ୍ନାକୁ ଆସିଥିଲା। କିନ୍ତୁ ସତ୍ୟତା ସାମ୍ନାକୁ ଆସି ଡେଢ଼ ମାସ ବିତିଗଲାଣି ହେଲେ ଏବେ ଯାଏଁ ଦୋଷୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଦୁର୍ଗମ ଅଞ୍ଚଳବାସୀଙ୍କ ସରଳ ମନୋଭାବ ଯୋଗୁ ବ୍ଲକ ଓ ଜିଲା ପ୍ରଶାସନ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ନେଇ ନିରବଦ୍ରଷ୍ଟା ସାଜିଛନ୍ତି।

# ସମଲେଇଙ୍କ ଛତର ଯାତ୍ରା


ଶ୍ରଦ୍ଧାଳୁଙ୍କ ଗହଣରେ ବରୁଆମାନେ ଗ୍ରାମ ପରିକ୍ରମା କରୁଛନ୍ତି।

ଲୋଇସିଂହା,୯।୧୦(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ଡେଲିମାର୍କେଟସ୍ଥିତ ମା' ସମଲେଇଙ୍କ ଛତର ଯାତ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ପୀଠପୂଜା, ମଙ୍ଗଳଆଳତି ଏବଂ ଯଜ୍ଞକୁଣ୍ଡ ଦର୍ଶନ ନୀତି ସମାପନ ହୋଇଥିଲା। ମଧ୍ୟାହ୍ନରେ ଧୂପ ଓ ମନ୍ଦିର ପରିକ୍ରମା ନୀତି କରାଯାଇଥିଲା। ଅପରାହ୍ନରେ ଜିଲ ବିଜେ ଏବଂ ସମଲେଇଙ୍କ ନଗର ପରିକ୍ରାମ ରହିଥିଲା। ପୀଠରୁ ବରୁଆମାନେ ଛତର ବଇରଗ ଧରି ଘଣ୍ଟ, ଶଙ୍ଖଧ୍ୱନି ଓ ପଞ୍ଚବାଦ୍ୟ ତାଳେତାଳେ ଛତର ଧରି ଶ୍ରଦ୍ଧାଳୁଙ୍କ ଗହଣରେ ନଗର ପରିକ୍ରମା କରିଥିଲେ। ଏହି ଅବସରରେ ଗ୍ରାମର ପ୍ରତ୍ୟେକ ଲୋକେ ମା'ଙ୍କ ପଦଧୌତ କରି ଆର୍ଶୀବାଦ ନେଇଥିଲେ। ଶନିବାର ସକାଳେ କଳସ ଯାତ୍ରା, ନିଶିପୂଜା ଓ ବରୁଆ ଉଭା ନୀତି ଅନୁଷ୍ଠିତ ହୋଇଥିଲା। ସୋମବାର ସକାଳ ୯ଟାରେ ବଳିଯାତ୍ରା ରହିଥିବା ପୂଜା କମିଟି ସୂତ୍ରରୁ ପ୍ରକାଶ।

# କ୍ରିକେଟ ଟୁର୍ନାମେଣ୍ଟ: ସରଗୁଲ ଚାମ୍ପିୟନ

କର୍ଲାମୁଣ୍ଡା,୯।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ବିନ୍ଧାଣୀ ଆରଏସ କମିଟି ପକ୍ଷରୁ ରବିବାର ୬ ଓଭର ବିଶିଷ୍ଟ ଏକ ଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଞ୍ଚଳର ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ତେରେସିଙ୍ଗା ଓ ରିଷିଡା ଦଳ ପ୍ରାରମ୍ଭିକ ମ୍ୟାଚ ଖେଳିଥିଲେ। ଭାଲୁପିଆ ଓ ସରଗୁଲ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ସରଗୁଲ ଦଳ ଚାମ୍ପିୟନ ହୋଇଥିଲା। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ତେରେସିଙ୍ଗା ପଞ୍ଚାୟତ ସରପଞ୍ଚ ପ୍ରମୋଦ ସୁନା, ସମ୍ମାନିତ ଅତିଥି ଭାବେ ଗାଳ୍ପିକ, ଅଭିନେତା ତଥା କ୍ଷୁଦ୍ର ଚଳଚ୍ଚିତ୍ର ନିର୍ଦ୍ଦେଶକ


ଖେଳାଳିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ନଗଦ ରାଶି ଓ ଟ୍ରଫି ଦିଆଯାଉଛି।

ସଞ୍ଜୀବ କୁମାର ନାଗ ଏବଂ ବିନ୍ଧାଣି କ୍ରିକେଟ ଦଳର ପୂର୍ବତନ ଖେଳାଳି ଚରଣ ବାଗ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଦଳକୁ ନଗଦ ରାଶି ପ୍ରଦାନ କରିଥିଲେ। ସରଗୁଲ ଦଳର ହିରୋ ଜାନୀ ଫାଇନାଲ ମ୍ୟାଚର ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ।

# ରାଜ୍ୟସ୍ତରୀୟ ଖେଳକୁଦ: ହାଇଜମ୍ପରେ ହରିପ୍ରିୟା ପ୍ରଥମ

କର୍ଲାମୁଣ୍ଡା,୯।୧୦(ଡି.ଏନ.ଏ.)

ଏକଲ ଅଭିଯାନ ପକ୍ଷରୁ ରାଜ୍ୟସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଅନୁଗୋଳ ଜିଲା ନାଲକୋ ନଗରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରାଜପୁର ପଞ୍ଚାୟତ ସୁରୁଜୁଲି ଗ୍ରାମର ସୁଶ୍ରୀ ହରିପ୍ରିୟା ରଣା ଉଚ୍ଚଡିଆଁ (ବାଳ ବିଭାଗ)ରେ ପ୍ରଥମ ସ୍ଥାନ ହାସଲ କରି କର୍ଲାମୁଣ୍ଡା ବ୍ଲକ ପାଇଁ ଗୌରବ ଆଣିଛନ୍ତି। ସେ ସୁରୁଜୁଲି ଗ୍ରାମର ରାଜପତି ରଣା ଓ ରଶ୍ମିତା ରଣାଙ୍କ ୨ୟ କନ୍ୟା। ଖେଳ ପ୍ରତି ତାଙ୍କ


ହାଇଜମ୍ପରେ ବିଜୟୀ ହରିପ୍ରିୟା।

ଆଗ୍ରହ ଯୋଗୁ ଆଜି ରାଜ୍ୟସ୍ତରରେ ପ୍ରଥମ ହୋଇଥିବା ଜାଣି ତାଙ୍କ ମାତାପିତା ବହୁତ ଖୁସି ଅଛନ୍ତି। ପ୍ରଥମେ ବ୍ଲକ ଓ ପରେ ଜିଲାସ୍ତରରେ ଦୌଡ଼ ଓ ଉଚ୍ଚଡିଆଁରେ ପ୍ରଥମ ସ୍ଥାନ ହାସଲ କରିଥିଲେ। ଅନୁଗୋଳ ଜିଲା ନାଲକୋ ନଗରରେ ହୋଇଥିବା ରାଜ୍ୟସ୍ତରୀୟରେ ଖେଳକୁଦ ଉଚ୍ଚଡିଆଁ ପ୍ରତିଯୋଗିତାରେ ହରିପ୍ରିୟା ପ୍ରଥମ ହୋଇଛନ୍ତି। ଆସନ୍ତା ନଭେମ୍ବରରେ ଜାତୀୟସ୍ତରରେ ଖେଳିବା ପାଇଁ ଲକ୍ଷ୍ନୌ (ଉତ୍ତର ପ୍ରଦେଶ)କୁ ଯିବାକୁ ସ୍ଥିର ହୋଇଥିବା ଜଣାପଡ଼ିଛି। ବର୍ତ୍ତମାନ ହରିପ୍ରିୟା ସୁରୁଜୁଲିସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସପ୍ତମ ଶ୍ରେଣୀରେ ପଢ଼ୁଛନ୍ତି।

## କୋସଲ ରାଜ୍ୟ ସମନ୍ୱୟ ସମିତି ବୈଠକ

ବଲାଙ୍ଗୀର ଅଫିସ, ୯।୧୦

କୋସଲ ରାଜ୍ୟ ସମନ୍ୱୟ ସମିତି ବଲାଙ୍ଗୀର ସହରାଞ୍ଚଳ ଶାଖାର ଏକ ବୈଠକ ପୁରୁଣା ରାଜବାଟୀରେ ଅନୁଷ୍ଠିତ ହୋଇଛି। କୋସଲବାଦୀ ସଙ୍ଗଠକ ଗୋପାଳଜୀ ପାଣିଗ୍ରାହୀ ଏଥିରେ ସଭାପତିତ୍ୱ କରିଥିଲେ। ବିଭୁଦତ୍ତ ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ସମନ୍ୱୟ ସମିତି ଅଧ୍ୟକ୍ଷ ପ୍ରମୋଦ ମିଶ୍ର ଯୋଗଦେଇ କୋସଲ ଆନ୍ଦୋଳନକୁ ଆହୁରି ଗତିଶୀଳ କରିବାକୁ ଆହ୍ୱାନ ଦେଇଥିଲେ। ଏହି ପ୍ରତିନିଧିସ୍ତରୀୟ ସଭାରେ ବିଭିନ୍ନ ସାମାଜିକ, ଶ୍ରମିକ ସଙ୍ଗଠନ ପଶ୍ଚିମାଞ୍ଚଳ ବିଜୁଳି ଶ୍ରମିକ ସଂଘ, ଆକ୍ସନ କମିଟି, ୟୁନାଇଟେଡ୍ ଟ୍ରେଡ ୟୁନିୟନ ଅଫ୍ ବଲାଙ୍ଗୀର, କିଶାନ ସଂଘର୍ଷ ସମିତି, ପୂର୍ବତନ ସୈନିକ ସଂଘ, ପଶ୍ଚିମାଞ୍ଚଳ ମିଳିତ ଶ୍ରମିକ ଓ କର୍ମଚାରୀ ମଞ୍ଚ, ୱାର୍କସ୍ ଏଣ୍ଡ ଇରିଗେସନ ୱାର୍କର୍ସ ୟୁନିୟନ, ବରିଷ୍ଠ ନାଗରିକ ମଞ୍ଚ, ନିର୍ମାଣ ଶ୍ରମିକ ସଙ୍ଗଠନ, ଜିଲା କଳାକାର ସଂଘ, କ୍ଷତିଗ୍ରସ୍ତ ଜମାକାରୀ ସଂଘ, ସିଭିଲ ସୋସାଇଟି ବଲାଙ୍ଗୀର ଓ ବିଭିନ୍ନ ଜାତି ସମାଜ ସଙ୍ଗଠନ ପ୍ରତିନିଧି ଯୋଗଦେଇ ଆନ୍ଦୋଳନକୁ ତୃଣମୂଳ ସ୍ତରରେ ସଙ୍ଗଠିତ କରିବାକୁ ଆହ୍ୱାନ ଦେଇଥିଲେ। ସଭାରେ ଗୋପଭୂଷଣ ନାଥ, ନୀଳମଣି ମିଶ୍ର, କପିଳେଶ୍ୱର ଖମାରୀ, ଅବଦୁଲ ଜମାଲ ଖାନ, ରବିଶଙ୍କର ମିଶ୍ର, ରଣରାଜ ସିଂଦେଓ, ସନ୍ତୁ ବନଛୋର, ବିଭୁତି ଶଙ୍କର ବିନ୍ଧାଣୀ, ନିରୂପମା ଉଦ୍‌ଗାତା, ଡୋଳାମଣି ପ୍ରଧାନ, ପ୍ରୀତମ ଠାକୁର, ପ୍ରଭାସ ମିଶ୍ର, ଶିଶିର ମିଶ୍ର, ମଧୁସୁଦନ କ୍ଷେତୀ, ବିନୋଦ କାଲସାଏ, ପ୍ରତାପ ରଥ ଯୋଗଦେଇ ଆଲୋଚନାରେ ଅଂଗ୍ରହଣ କରିଥିଲେ।

# ଶିବପ୍ରସାଦ ସଭାପତି, ଶିଶିରକାନ୍ତ ସମ୍ପାଦକ


ଜିଲା ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତା।

**ଜିଲା ସାମ୍ବାଦିକ ସଂଘ ସାଧାରଣ ପରିଷଦ ବୈଠକ**

ବଲାଙ୍ଗୀର ଅଫିସ, ୯।୧୦

ବଲାଙ୍ଗୀର ଜିଲା ସାମ୍ବାଦିକ ସଂଘ ସାଧାରଣ ପରିଷଦ ବୈଠକ ଓ ଆଗାମୀ ଦୁଇବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଥିଲା। ଆଗାମୀ ଦୁଇବର୍ଷ ପାଇଁ ସଂଘ ବରିଷ୍ଠ ସଦସ୍ୟ ଶିବପ୍ରସାଦ ପରିଡା ସଭାପତି ଓ ଶିଶିରକାନ୍ତ ଶତପଥୀ ସମ୍ପାଦକ ନିର୍ବାଚିତ ହୋଇଛନ୍ତି। ବୈଠକରେ ବିଦାୟୀ ସଂଘ ସଭାପତି ହରିନାରାୟଣ ପୂଝାରୀ ସଭାପତିତ୍ୱ କରିଥିଲେ। ସଂଘ ସାଧାରଣ ସମ୍ପାଦକ ବଳରାମ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଗତ ବର୍ଷର ସଂଘ ଆୟବ୍ୟୟର ବିବରଣୀ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା। ଉପସ୍ଥିତ ସଭ୍ୟମାନେ ଗଠନମୂଳକ ମତ ରଖି ସଂଘକୁ ଆହୁରି ସମୃଦ୍ଧ କରିବା ଦିଗରେ ସୁଚିନ୍ତିତ ମତାମତ ଦେଇଥିଲେ। ସାଧାରଣ ପରିଷଦ ବୈଠକ ପରେ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ବରିଷ୍ଠ ସଦସ୍ୟ ସୁବାସ ଚନ୍ଦ୍ର ପଣ୍ଡା ନିର୍ବାଚନ ଅଧିକାରୀ ଓ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ସହନିର୍ବାହଚନ ଅଧିକାରୀଭାବେ ନିର୍ବାଚନ ପରିଚାଳନା କରିଥିଲେ। ନିର୍ଦ୍ୱନ୍ଦ୍ୱରେ ଏବଂ ସହମତ ଭିତ୍ତିରେ ଆଗାମୀ ଦୁଇବର୍ଷ ପାଇଁ ସଭାପତି ଭାବେ ଶିବ ପ୍ରସାଦ ପରିଡା, ଉପସଭାପତି ବଳରାମ ମିଶ୍ର, ଦୀପକ ସମାଦାର ଓ ଲକ୍ଷ୍ମୀକାନ୍ତ ମିଶ୍ର, ସାଧାରଣ ସମ୍ପାଦକ ଭାବେ ଶିଶିରକାନ୍ତ ଶତପଥୀ, ସମ୍ପାଦକ ଭାବେ ରଞ୍ଜିତ ବେହେରା, ଅଭୟ କୁମାର ତ୍ରିପାଠୀ, ସଞ୍ଜୟ ବେହେରା, ସାଙ୍ଗଠନିକ ସମ୍ପାଦକ ଶରତ କୁମାର ମିଶ୍ର ଓ କୋଷାଧ୍ୟକ୍ଷ ଭାବେ ସୁନୀଲ କୁମାର ମହାନ୍ତି ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିଲେ। କାର୍ଯ୍ୟକାରୀ କମିଟିରେ ମାନସ ରଞ୍ଜନ ମହାନ୍ତି, ଶ୍ରୀବତ୍ସ ବେହେରା, ସଦାଶିବ ସରାଫ, ବଂଶୀଧର ସେଠ, ଚନ୍ଦ୍ରଭାନୁ ମୋଲାଣା, ଶରତ କୁମାର ମହାକୁର, ବିମଳ ଚରଣ ହୋତା, ସତ୍ୟସୁନ୍ଦର ଭଞ୍ଜ, ଘଟେଶ୍ୱର ମିଶ୍ର ମନୋନୀତ ହୋଇଛନ୍ତି। ଉପଦେଷ୍ଟା କମିଟିକୁ ରାମକୁମାର ଅଗ୍ରୱାଲ, ଗୋପବନ୍ଧୁ ଶତପଥୀ, ନବୀନ କୁମାର ପଶାୟତ, ସୁବାସ ଚନ୍ଦ୍ର ପଣ୍ଡା, ହରିନାରାୟଣ ପୂଝାରୀ, ଦିଲୀପ କୁମାର ପୁରୋହିତ, ସୁଧୀର ଚନ୍ଦ୍ର ପଣ୍ଡା, ସୋମନାଥ ଆଚାର୍ଯ୍ୟ ମନୋନୀତ ହୋଇଛନ୍ତି।

# ପ୍ରଦର୍ଶନ କଲେ ୨୪୦ ଦେଶର ୨୩୨୬ ମୁଦ୍ରା

**ପୁଣି ଚର୍ଚ୍ଚାରେ ଡାକ୍ତର ସଦାନନ୍ଦ ପାଣିଗ୍ରାହୀ**

ଜୁନାଗଡ,୯।୧୦(ଡି.ଏନ.ଏ.)

ପୁଣି ଚର୍ଚ୍ଚାରେ କଳାହାଣ୍ଡି ଜିଲା ଧର୍ମଗଡ ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ସଦାନନ୍ଦ ପାଣିଗ୍ରାହୀ। ଗତ ଜୁନ୍‌ରେ ରାଜ୍ୟରେ ରେର୍କଡ ସଂଖ୍ୟକ ୩୦ ହଜାର ୯ଟି ପରିବାର ନିୟୋଜନ ଅସ୍ତ୍ରୋପଚାର କରି ଇଣ୍ଡିଆ ବୁକ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଥିବାବେଳେ ଏବେ ୨୪୦ଟି ଦେଶର ୨୩୨୬ଟି ମୁଦ୍ରା ଓ ନୋଟ୍ ପ୍ରଦର୍ଶିତ କରି ପୁଣି ଚର୍ଚ୍ଚାକୁ ଆସିଛନ୍ତି। ଏହି ପରିପ୍ରେକ୍ଷିରେ ରବିବାର ଜୁନାଗଡ ସହର ହୋଟେଲ ଓରିୟନଠାରେ ଇଣ୍ଡିଆ ବୁକ ଅଫ୍ ରେକର୍ଡ୍ସ ପାଇଁ ସେ ଏହା ପ୍ରଦର୍ଶିତ କରିଛନ୍ତି। ଏହାକୁ ଯାଞ୍ଚ କରିବାକୁ ଇଣ୍ଡିଆ ବୁକ ଅଫ୍ ରେକର୍ଡ୍ସର ଯାଞ୍ଚ ଅଧିକାରୀ କ୍ରିଷ୍ଣା କୁମାର ଗୁପ୍ତା ଆସିଥିଲେ। ଡାକ୍ତର ପାଣିଗ୍ରାହୀଙ୍କ ସଂଗ୍ରହିତ ଏହି ମୁଦ୍ରାକୁ ଦେଖି ସେ ଖୁସିବ୍ୟକ୍ତ ହୋଇଥିଲେ। ସେହିପରି ଏହି ପ୍ରଦର୍ଶିତ ବିଭିନ୍ନ ଦେଶର ମୁଦ୍ରାକୁ ଦେଖିବାକୁ ସ୍ଥାନୀୟ ଲୋକଙ୍କ ଭିଡ ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଜୁନାଗଡ ନଗରପାଳ ମୁକେଶ ଅଗ୍ରୱାଲ ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ ଇଣ୍ଡିଆ ବୁକ ଅଫ ରେକର୍ଡ୍ସର ଯାଞ୍ଚ ଅଧିକାରୀ।

# ରଜତ ଜୟନ୍ତୀ ଲୋଗୋ ଉନ୍ମୋଚିତ

**ନଭେମ୍ବର ୧୮ରୁ ନଟରାଜ କଳା ପରିଷଦର ରଜତ ଜୟନ୍ତୀ ସମାରୋହ**

- ୬ଟି କୋଶଲୀ ନାଟକ, ୩ଟି ଲୋକନୃତ୍ୟ ପରିବେଷଣ କରାଯିବ
- ସମାଜସେବୀ ଲଳିତ ନାୟକଙ୍କୁ ଉତ୍ସର୍ଗ କରାଯିବ ରଜତ ଜୟନ୍ତୀ ସମାରୋହ

ବଲାଙ୍ଗୀର ଅଫିସ, ୯।୧୦

ବଲାଙ୍ଗୀରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ନଟରାଜ କଳା ପରିଷଦ ପକ୍ଷରୁ ରବିବାର ସ୍ଥାନୀୟ ନଟରାଜ ପ୍ୟାଲେସରେ ରଜତ ଜୟନ୍ତୀ ପାଳନ ସକାଶେ ଆଲୋଚନା ହୋଇଥିଲା। ନଭେମ୍ବର ୧୮, ୧୯ ଓ ୨୦ ତିନିଦିନ ଧରି ରଜତ ଜୟନ୍ତୀ ପାଳନ କରାଯିବ। ଅନୁଷ୍ଠାନ ସ୍ଥାୟୀ ସଭାପତି ହରିନାରାୟଣ ପୂଜାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଧ୍ୟକ୍ଷ ଡ. ଶ୍ରୀକର ମିଶ୍ର ଓ ନାଟ୍ୟ ନିର୍ଦ୍ଦେଶକ ଅଧ୍ୟାପକ ପ୍ରଶାନ୍ତ ଖମାରୀଙ୍କ ସମେତ ପରିଷଦର ସମସ୍ତ ସଦସ୍ୟ, କଳାକାର କଳାକାର ଯୋଗ ଦେଇଥିଲେ। ରଜତ ଜୟନ୍ତୀ ଅବସରରେ ଅନୁଷ୍ଠାନ ପକ୍ଷରୁ ୬ଟି କୋଶଲୀ ନାଟକ ଓ ୩ଟି ଲୋକନୃତ୍ୟ ପରିବେଷଣ କରାଯିବ। ରବିବାର ରଜତ ଜୟନ୍ତୀର ଲୋଗୋ ଉନ୍ମୋଚନ କରାଯାଇଥିଲା। ଅନୁଷ୍ଠାନର ରଜତ ଜୟନ୍ତୀକୁ ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ଲଳିତ କୁମାର ନାୟକଙ୍କ ସ୍ମୃତିରେ ଉତ୍ସର୍ଗ କରାଯିବାକୁ ସର୍ବସମ୍ମତ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ନିର୍ଦ୍ଦେଶକ ପ୍ରଶାନ୍ତ ଖମାରୀ ନାଟକମାନଙ୍କ ପାଇଁ ମନୋନୟନ ପ୍ରକ୍ରିୟାର ସମାପ୍ତି ଘୋଷଣା କରିଥିଲେ।

ସାମାଜିକ ନାଟକ ଆଶାପୁର ନୁ ଆମେରିକା,ବାସ୍ତବଧର୍ମୀ ନାଟକ ଅ-ଆ-ଇ, ମାନବଧର୍ମୀ ନାଟକ ଘା', ପୌରାଣିକ ନାଟକ ଯଯାତ, ଐତିହାସିକ ନାଟକ ପୃଥ୍ୱୀରାଜ ଏବଂ ନୃତ୍ୟ ନାଟିକା ନାବକେଲି ମଞ୍ଚସ୍ଥ ହେବେ ବୋଲି


ଅନୁଷ୍ଠାନ ସଦସ୍ୟମାନେ ରଜତ ଜୟନ୍ତୀ ଲୋଗୋ ଉନ୍ମୋଚନ କରୁଛନ୍ତି।

ସୂଚନା ଦିଆଯାଇଛି। ରଜତ ଜୟନ୍ତୀ ସମାରୋହ ସକାଶେ ବିଭିନ୍ନ କମିଟି ଗଠନ କରାଯାଇଥିଲା। କୋର କମିଟିରେ ଡ. ଶ୍ରୀକର ମିଶ୍ର, ହରିନାରାୟଣ ପୂଜାରୀ, ହିମାଂଶୁ ଶେଖର ପାଢୀ, ପ୍ରହ୍ଲାଦ ଦର୍ଜୀ, ରାମ ପ୍ରସାଦ ଦାଶ, ସତ୍ୟବ୍ରତ ଆଚାର୍ଯ୍ୟ, ଲଳିତ ପୂଜାରୀ, କିଶୋର ଜାଲ, ଶମ୍ଭୁ ପ୍ରସାଦ ଜାଲ, ପ୍ରଶାନ୍ତ ଖମାରୀ, ଜତୀନ୍ଦ୍ର ପଟେଲ, ସୁରେନ୍ଦ୍ର ସେଠ ଓ ବଳରାମ ରାଉତ ରହିଛନ୍ତି। ପବ୍ଲିସିଟି କମିଟି ଦାୟିତ୍ୱ ସଂଗ୍ରାମ ନାୟକଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି। ସେମିନାର କମିଟିରେ ମଧୁସୂଦନ ନାୟକ, ଯତୀନ୍ଦ୍ର ପଟେଲ, ଶମ୍ଭୁ ପ୍ରସାଦ ଦାଶ ଓ ସତ୍ୟବ୍ରତ ଆଚାର୍ଯ୍ୟ ରହିଛନ୍ତି। ସୋ' ଅଭିନିୟ କମିଟିରେ ଶମ୍ଭୁ ପ୍ରସାଦ ଦାଶ, ଉଗ୍ରସେନ ଷଡଙ୍ଗୀ, ଦେବରାଜ ସାହୁ, ମଧୁସୂଦନ ନାୟକ ଓ ଯତୀନ୍ଦ୍ର ପଟେଲ ରହିଛନ୍ତି। ଅର୍ଥ କମିଟି ସଦସ୍ୟରୂପେ ପ୍ରହ୍ଲାଦ ଦର୍ଜୀ, ଜ୍ୟୋତି ରଞ୍ଜନ ବେଦବାକ୍, ରାମନାରାୟଣ ବେଜ୍, ଗୋପାଳ ବରେଇ ଓ ବଦ୍ରୀ ପ୍ରସାଦ ମିଶ୍ରଙ୍କୁ ମନୋନୀତ କରାଯାଇଛି। ସୂଚନା ସଂଯୋଜକ ଭାବେ ମଧୁସୂଦନ ନାୟକ ଓ ମଞ୍ଚପରିଚାଳନା ପାଇଁ ରାମ ପ୍ରସାଦ ଦାଶ ତଥା ଷ୍ଟେଜକ୍ରାଫ୍ଟ, ଭିଡିଓଗ୍ରାଫି ଓ ଫଟୋଗ୍ରାଫି ପାଇଁ ରବୀନ୍ଦ୍ର ନାରାୟଣ ନାଏକ, ବଳରାମ ରାଉତ ଓ କିଶୋର ଜାଲ, ଫ୍ଲେକ୍ସ କାର୍ଯ୍ୟ ପାଇଁ ନବଘନ ଦାଶ ଓ ନିମନ୍ତ୍ରଣପତ୍ର ଦାୟିତ୍ୱ ଦେବରାଜ ସାହୁଙ୍କୁ ଅର୍ପଣ କରାଯାଇଛି। ଅଭ୍ୟର୍ଥନା କମିଟିରେ ଉଗ୍ରସେନ ଷଡଙ୍ଗୀ, ସଚିକାନ୍ତ ନାଏକ, ରାମଶଙ୍କର ଶତପଥୀ, ନୀଳାଚଳ ନନ୍ଦ, ଭାସ୍କର ଚନ୍ଦ୍ର ମେହେଟା, ରିମା ବାଗ ଓ ସ୍ୱରୂପା ସିଂ। ସତ୍ୟବ୍ରତ ଆଚାର୍ଯ୍ୟ ସଭା ପରିଚାଳନା କରିଥିଲେ। ଦେବବ୍ରତ ଖମାରୀ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।